# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୪୯, ଭୁବନେଶ୍ୱର, ଅକ୍ଟୋବର ୨୬- ନଭେମ୍ବର ୧, ୨୦୨୬, Vol: 3, Issue: 49, Bhubaneswar, Oct. 26 - Nov. 1, 2026 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ତୀର୍ଥ ଆଉ କ'ଣ କି !

ପୃଷ୍ଠା ୮ ଡେବ୍‌ଟ ରିକଭରି ଟ୍ରିବ୍ୟୁନାଲ୍


## ଉପର ଓ ତଳ ବାଲିଯାତ୍ରା ପଡ଼ିଆ : ଐତିହ୍ୟର ପ୍ରତୀକ ନା ମଦ ଓ ନିଶାର ଆଡ୍ଡା ?

# ବାଲିଯାତ୍ରା ପଡ଼ିଆର ମର୍ଯ୍ୟାଦା ରକ୍ଷା କରିବ କିଏ ?




ସଞ୍ଜିତ ସାମଲ


କଟକ ଖାଲି ଏକ ସହର ନୁହେଁ; ଏହା ଓଡ଼ିଶାର ଇତିହାସ, ପରମ୍ପରା, ସଂସ୍କୃତି ଓ ଗୌରବମୟ ଅତୀତର ଏକ ଜୀବନ୍ତ ପରିଚୟ। ଏହି ସହରର ଐତିହ୍ୟ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବାଲିଯାତ୍ରାକୁ ମଧ୍ୟ ଏକ ମେଳା ବୋଲି କହିଦେଲେ ଠିକ ହେବନାହିଁ ବରଂ ଏହା ଓଡ଼ିଆ ଜାତିର ସାହସିକ ସାମୁଦ୍ରିକ ବାଣିଜ୍ୟ, ବିଦେଶ ସହିତ ବାଣିଜ୍ୟିକ ସମ୍ପର୍କ ଓ ପୂର୍ବପୁରୁଷଙ୍କ ଗୌରବମୟ ନୌଯାତ୍ରାର ସ୍ମାରକ ଭାବରେ ପରିଗଣିତ ହେଇଥାଏ। ପ୍ରତିବର୍ଷ ବାଲିଯାତ୍ରା ଆସିଲେ କଟକ ସହର ଏକ ଭିନ୍ନ ଉତ୍ସବମୁଖର ପରିବେଶରେ ଜୀବନ୍ତ ହୋଇଉଠେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲକ୍ଷ ଲକ୍ଷ ଲୋକ ଏହି ଐତିହାସିକ ମେଳାକୁ ଆସିଥାନ୍ତି। ବାଲିଯାତ୍ରା ସହିତ ଜଡ଼ିତ ଉପର ଓ ତଳ ପଡ଼ିଆ କଟକବାସୀଙ୍କ ପାଇଁ ଖାଲି ଦୁଇଟି ଖୋଲା ଜମି ନୁହେଁ; ଏଗୁଡ଼ିକ ହେଉଛି ସହରର ସାମୂହିକ ସ୍ମୃତି, ସାଂସ୍କୃତିକ ପରିଚୟ ଓ ଉତ୍ସବର ପ୍ରତୀକ। ବର୍ଷ ବର୍ଷ ଧରି ଏହି ପଡ଼ିଆଗୁଡ଼ିକ ବିଭିନ୍ନ ମେଳା, ପ୍ରଦର୍ଶନୀ, ସାଂସ୍କୃତିକ ଆୟୋଜନ ଓ ଜନସମାଗମର ମୂକସାକ୍ଷୀ ହୋଇ ରହିଛି। ଏହି ପଡ଼ିଆଗୁଡ଼ିକର ମହତ୍ତ୍ୱ କେବଳ ବାଲିଯାତ୍ରାର କିଛି ଦିନ ମଧ୍ୟରେ ସୀମିତ ନୁହେଁ; ବରଂ ବର୍ଷର ବାରମାସ ଏଗୁଡ଼ିକ କଟକବାସୀଙ୍କ ହିତରେ ବ୍ୟବହୃତ ହେବା ଉଚିତ। କିନ୍ତୁ ଦୁଃଖର ବିଷୟ, ବାଲିଯାତ୍ରା ସମୟକୁ ବାଦ୍ ? ଦେଲେ ବର୍ଷର ଅନ୍ୟ ସମୟରେ ଏହି ଦୁଇଟି ପଡ଼ିଆର ପରିବେଶ ଓ ବ୍ୟବହାରକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉଭୟ ତଳ ଓ ଉପର ପଡ଼ିଆର କେତେକ ସ୍ଥାନରେ କିଛି ବ୍ୟକ୍ତି ମଦ୍ୟପାନ, ଗଞ୍ଜେଇ ସେବନ ଆଦି ନିଶାଦ୍ରବ୍ୟ ବ୍ୟବହାର କରିବା ସହ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରିବା ନିଶ୍ଚିତ ଭାବେ ପ୍ରଶାସନର ଦାୟିତ୍ୱ। ତଥାପି, ଏପରି ଅଭିଯୋଗ ଯଦି ଜନସାଧାରଣଙ୍କ ମନରେ ଉଦ୍ ?ବେଗ ସୃଷ୍ଟି କରୁଛି, ତେବେ ତାହାକୁ ଅଣଦେଖା କରିବା ଉଚିତ ନୁହେଁ। ଏଠାରେ ସ୍ୱାଭାବିକ ଭାବରେ ଏକ ପ୍ରଶ୍ନ ଉଠୁଛି ଯେଉଁ ପଡ଼ିଆରେ ବାଲିଯାତ୍ରା ସମୟରେ ହଜାର ହଜାର ପରିବାର ଆନନ୍ଦର ସହିତ ସମୟ ବିତାଇଥାନ୍ତି, ଯେଉଁଠାରେ ପିଲାମାନେ ମେଳା ବୁଲନ୍ତି, ଯୁବକଯୁବତୀମାନେ ବିଭିନ୍ନ ଆୟୋଜନରେ ଭାଗ ନିଅନ୍ତି ଏବଂ ବୟସ୍କମାନେ ଆମ ଐତିହ୍ୟର ସ୍ମୃତିକୁ ଉପଭୋଗ କରନ୍ତି, ସେହି ପଡ଼ିଆଗୁଡ଼ିକ ବର୍ଷର ଅନ୍ୟ ସମୟରେ ଯଦି ମଦ୍ୟପାନ ଓ ନିଶାଦ୍ରବ୍ୟ ସେବନର ସ୍ଥାନ ଭାବେ ପରିଚିତ ହେବାକୁ ଲାଗେ, ତେବେ ଏହା କ'ଣ ଆମ ସାଂସ୍କୃତିକ ଚେତନା ପ୍ରତି ଏକ ଆଘାତ ନୁହେଁ କି ? ଏହି ପ୍ରଶ୍ନ କୌଣସି ବ୍ୟକ୍ତି ବିଶେଷଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ନୁହେଁ, ବରଂ ଏକ ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା, ମର୍ଯ୍ୟାଦା ଓ ସଠିକ୍ ବ୍ୟବହାରକୁ ନେଇ ଆମ ସମସ୍ତଙ୍କୁ ଚିନ୍ତା କରିବା ପାଇଁ। ସାର୍ବଜନୀନ ପଡ଼ିଆଗୁଡ଼ିକ ହେଉଛି ଆମ ସମାଜର ସମ୍ପତ୍ତି। ଏଗୁଡ଼ିକ ଶିଶୁମାନଙ୍କ ଖେଳକୁଦ, ଯୁବପିଢ଼ିଙ୍କ ବ୍ୟାୟାମ, ବୟସ୍କଙ୍କ ପ୍ରାତଃଭ୍ରମଣ, ସାମାଜିକ ମିଳନ ଓ ସୁସ୍ଥ ବିନୋଦନର କେନ୍ଦ୍ର ହେବା ଆବଶ୍ୟକ। ଏପରି ସ୍ଥାନରେ ଯଦି ନିଶାଦ୍ରବ୍ୟ ସେବନ କିମ୍ବା ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଏ, ତେବେ ସାଧାରଣ ଲୋକଙ୍କ ମଧ୍ୟରେ ଅସୁରକ୍ଷା ଓ ଅସ୍ୱସ୍ତିର ଭାବନା ସୃଷ୍ଟି ହେବା ସ୍ୱାଭାବିକ। ତେଣୁ ଏହି ପଡ଼ିଆଗୁଡ଼ିକର ସୁରକ୍ଷା ପାଇଁ କେବଳ ଅଭିଯୋଗ ଉଠାଇବା ଯଥେଷ୍ଟ ନୁହେଁ; ଆବଶ୍ୟକ ହେଉଛି ଯୋଜନାବଦ୍ଧ ଓ ନିରନ୍ତର ପଦକ୍ଷେପ। ପଡ଼ିଆର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ନିୟମିତ ସଫେଇ, ଆବଶ୍ୟକ ସ୍ଥାନରେ ସିସିଟିଭି କ୍ୟାମେରା, ପୋଲିସ ପାଟ୍ରୋଲିଂ ଓ ନିୟମିତ ତଦାରଖର ବ୍ୟବସ୍ଥା କରାଯିବା ଉଚିତ। ଆଇନ ଉଲ୍ଲଂଘନ କିମ୍ବା ନିଶାଦ୍ରବ୍ୟ ସେବନ ସମ୍ପର୍କିତ ଅଭିଯୋଗ ମିଳିଲେ, ତାହାର ନିରପେକ୍ଷ ଯାଞ୍ଚ କରାଯାଇ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବା ଆବଶ୍ୟକ। ଏଥିସହ ଉଭୟ ପଡ଼ିଆକୁ ବର୍ଷସାରା ଜନସାଧାରଣଙ୍କ ଉପଯୋଗରେ ଲଗାଇବା ପାଇଁ ପ୍ରଶାସନ ଏକ ସ୍ଥାୟୀ ଯୋଜନା ପ୍ରସ୍ତୁତ କରିବା ଦରକାର। ନିୟମିତ କ୍ରୀଡ଼ା ଆୟୋଜନ, ଯୋଗ ଓ ବ୍ୟାୟାମ କାର୍ଯ୍ୟକ୍ରମ, ସାଂସ୍କୃତିକ ଉତ୍ସବ, ପୁସ୍ତକ ମେଳା, ହସ୍ତଶିଳ୍ପ ପ୍ରଦର୍ଶନୀ ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଡ଼ିଆଗୁଡ଼ିକୁ ଅଧିକ ସକ୍ରିୟ ଓ ଜନଉପଯୋଗୀ କରାଯାଇପାରିବ। ଯେଉଁ ସ୍ଥାନରେ ନିୟମିତ ଭାବେ ସୁସ୍ଥ ସାମାଜିକ କାର୍ଯ୍ୟକଳାପ ହୁଏ ଏବଂ ଜନସାଧାରଣଙ୍କ ଯାତାୟାତ ରହେ, ସେଠାରେ ଅସାମାଜିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ମଧ୍ୟ ସହଜ ହୋଇପାରେ।



ଏହି କ୍ଷେତ୍ରରେ କଟକ ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ ଓ ପୋଲିସ ପ୍ରଶାସନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉଭୟ ପଡ଼ିଆର ଉପଯୁକ୍ତ ରକ୍ଷଣାବେକ୍ଷଣ, ସୁରକ୍ଷା ଓ ସୁବ୍ୟବସ୍ଥିତ ବ୍ୟବହାର ପାଇଁ ଏହି ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ। ଏହା ଖାଲି ବାଲିଯାତ୍ରା ସମୟରେ ଦାୟିତ୍ୱ ପାଳନ କରିବାର ପ୍ରଶ୍ନ ନୁହେଁ; ବରଂ ବର୍ଷର ପ୍ରତ୍ୟେକ ଦିନ ଏହି ଐତିହାସିକ ସ୍ଥାନଗୁଡ଼ିକର ମର୍ଯ୍ୟାଦା ରକ୍ଷା କରିବାର ପ୍ରଶ୍ନ। ବାଲିଯାତ୍ରା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। କିନ୍ତୁ ଏହାର ଗୌରବ କଣ ଖାଲି ମେଳାର ଆଲୋକମାଳା, ଦୋକାନବଜାର ଓ ଜନସମାଗମରେ ସୀମିତ ରହିବା ଉଚିତ କି ? ନା ଆଦୌ ନୁହେଁ, ଯେଉଁ ପଡ଼ିଆ ଆମ ଐତିହ୍ୟର ପରିଚୟ ବହନ କରୁଛି, ସେହି ପଡ଼ିଆର ମର୍ଯ୍ୟାଦା ବର୍ଷସାରା ଅକ୍ଷୁଣ୍ଣ ରହିବା ଦରକାର। ଆମେ ଚାହୁଁ, ଉପର ଓ ତଳ ବାଲିଯାତ୍ରା ପଡ଼ିଆ ଏକ ବାର୍ଷିକ ମେଳାର ସ୍ଥାନ ହୋଇ ନରହୁ। ଏହା କଟକର ସାଂସ୍କୃତିକ ଜୀବନ, ସାମାଜିକ ଏକତା ଓ ଜନସାଧାରଣଙ୍କ ସୁସ୍ଥ ବିନୋଦନର କେନ୍ଦ୍ର ଭାବେ ପରିଚିତ ହେଉ। ପ୍ରଶାସନ ଏହି ଦିଗରେ ଦୃଢ଼ ଓ ଦୀର୍ଘସ୍ଥାୟୀ ପଦକ୍ଷେପ ନେଉ। ଏହା ହିଁ କଟକବାସୀଙ୍କ ଆଶା। ଐତିହ୍ୟର ଏହି ପ୍ରତୀକଗୁଡ଼ିକ ମଦ ଓ ନିଶାର ଆଡ଼ା ଭାବେ ନୁହେଁ, ବରଂ କଟକର ଗୌରବ, ସଂସ୍କୃତି ଓ ସାମାଜିକ ସୌହାର୍ଦ୍ଦର ପ୍ରତୀକ ଭାବେ ସବୁଦିନ ପରିଚିତ ହୁଅନ୍ତୁ।


*ମୋବାଇଲ: ୭୭୮୯୯୧୩୫୨୭*



FOR EXCLUSIVE WEDDING CARDS

ବନ୍ଧନ ସୁ-ସମ୍ପର୍କ ଗଢେ

ପ୍ରଥା ପରମ୍ପରାକୁ ଦେବାକୁ ସମ୍ମାନ ।
ବନ୍ଧନ ପରିବାର କରେ ନିବେଦନ ।

Bandhan ସୁ-ସମ୍ପର୍କ ଗଢେ

WE HAVE NO BRANCH

8260685257 www.bandhancards.com 0674-2310196

## ମୁଖ୍ୟ ସ୍ତମ୍ଭ

# ସମୟର ସ୍ରୋତ: ହଜିଯାଇଥିବା ସମ୍ପର୍କ ଓ ସ୍ମୃତି

ଜୀବନର ପଥରେ ଚାଲୁଚାଲୁ କେବେ କେବେ ପଛକୁ ଫେରି ଚାହିଁବାକୁ ଇଚ୍ଛା ହୁଏ। ବୟସ ବଢ଼ିବା ସହିତ ମନେପଡ଼େ ପିଲାଦିନର ସେହି ଅଭୁଲା ଦିନଗୁଡ଼ିକ, ପୁରୁଣା ଘର, ଆତ୍ମୀୟସ୍ୱଜନଙ୍କ ସ୍ନେହ ଓ ହସଖୁସିଭରା ପାରିବାରିକ ପରିବେଶ। ଜୀବନର ଏହି ଦୀର୍ଘ ଯାତ୍ରାରେ କେତେ ଘରେ ରହିଛି, କେତେ ମଣିଷଙ୍କ ଭଲପାଇବା ପାଇଛି, ତାହାର ହିସାବ ନାହିଁ। କିନ୍ତୁ ସେହି ସବୁ ଅନୁଭୂତି ଆଜି ମୋ' ମନର ଅମୂଲ୍ୟ ସମ୍ପଦ। ପିଲାଦିନର ସ୍କୁଲ ଜୀବନ, ନାଟକରେ ଅଭିନୟ କରିବାର ଉତ୍ସାହ, ଆତ୍ମୀୟଙ୍କ ଘରେ ସ୍ନେହରେ ଖାଇବା ଓ ସମସ୍ତଙ୍କ ସହ ମିଶିମାଶି ରହିବାର ଆନନ୍ଦ ଆଜି ବି ଆଖି ଆଗରେ ନାଚିଯାଏ। ଭାଇଭଉଣୀଙ୍କ ବିବାହ, ବ୍ରତଘର ଓ ଅନ୍ୟାନ୍ୟ ପାରିବାରିକ ଉତ୍ସବରେ ଘର ଯେପରି ଲୋକାରଣ୍ୟ ହୋଇଉଠୁଥିଲା, ତାହା ଆଜି ମଧ୍ୟ ମନରେ ଅପୂର୍ବ ଆନନ୍ଦ ଭରିଦିଏ। ସେତେବେଳେ ସମ୍ପର୍କରେ ଥିଲା ନିର୍ଭେଜାଲ ସ୍ନେହ, ଆତ୍ମୀୟତା ଓ ଆପଣାପଣର ନିଆରା ଅନୁଭବ। ସମୟର ଚକ ଗଡ଼ି ଚାଲିଲା। ନିଜ ବିବାହ, ନୂଆ ସଂସାର ଗଢ଼ିବା ଓ ପରବର୍ତ୍ତୀ ପିଢ଼ିର ବ୍ରତଘର ଓ ବିବାହ ଦେଖି ଜୀବନ ଆଗକୁ ବଢ଼ିଲା।



କୈଳାସ ଚନ୍ଦ୍ର

ଖୁସିର ଏହି ଯାତ୍ରା ମଧ୍ୟରେ ଯୋଡ଼ି ହୋଇଗଲା କିଛି ଗଭୀର ଦୁଃଖ। ବୁଢ଼ୀମାଆଙ୍କ ବିୟୋଗ ଓ ପାଞ୍ଚ ବର୍ଷ ତଳେ ବାପାଙ୍କୁ ହରାଇବାର ବେଦନା ମନରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି। ମାଆ ଆଜି ମଧ୍ୟ ଆମ ସହ ଅଛନ୍ତି। ତାଙ୍କ ଉପସ୍ଥିତି ଆମକୁ ଅତୀତର ଅନେକ ସ୍ମୃତି ସହ ଯୋଡ଼ି ରଖିଛି। ଆଜି ପୁଅ-ଝିଅ, ପୁତୁରା-ଝିଆରୀ, ଭାଇ-ଭଉଣୀ, ଭଣଜା-ଭାଣିଜୀ ଓ ନାତିନାତୁଣୀଙ୍କୁ ନେଇ ସମସ୍ତଙ୍କର ନିଜ ନିଜ ସଂସାର। ଚାକିରି, ବ୍ୟବସାୟ ଓ ପାରିବାରିକ ଦାୟିତ୍ୱ ଭିତରେ ସମସ୍ତେ ନିଜ ନିଜ ଜୀବନରେ ବ୍ୟସ୍ତ। ସମୟ ଓ ପରିସ୍ଥିତି ଆମକୁ ଅଲଗା ଅଲଗା ରହିବାକୁ ବାଧ୍ୟ କରିଛି। ଫଳରେ ଆଗଭଳି ଏକାଠି ହେବା, ମନଖୋଲି କଥା ହେବା ଓ ଛୋଟ ଛୋଟ ଖୁସି ବାଣ୍ଟିବାର ସୁଯୋଗ କମିଯାଇଛି। ତଥାପି ମନ ଖୋଜେ ସେହି ପୁରୁଣା ଦିନ, ସେହି ଆତ୍ମୀୟତା ଓ ସମସ୍ତଙ୍କୁ ଏକାଠି ଦେଖିବାର ଆନନ୍ଦ।

ପ୍ରକୃତରେ, ସମୟ ବଦଳିବା ସହିତ ଜୀବନର ଢାଞ୍ଚା ବଦଳିବା ସ୍ୱାଭାବିକ। କିନ୍ତୁ ଏହି ପରିବର୍ତ୍ତନ ଭିତରେ ଆମେ ଯେପରି ସମ୍ପର୍କର ଉଷ୍ମତା ହରାଇ ନବସୁ, ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ସମ୍ପର୍କ ବଞ୍ଚାଇ ରଖିବା ପାଇଁ ସବୁବେଳେ ବଡ଼ ଆୟୋଜନର ଆବଶ୍ୟକତା ନାହିଁ। ଗୋଟିଏ ଫୋନ୍, ଦୁଇପଦ ଆତ୍ମୀୟତାଭରା କଥା କିମ୍ବା ସୁଖଦୁଃଖରେ ପାଖରେ ଛିଡ଼ା ହେବା ମଧ୍ୟ ସମ୍ପର୍କକୁ ଜୀବନ୍ତ ରଖିପାରେ। ବିଶେଷକରି ବୟୋଜ୍ୟେଷ୍ଠମାନଙ୍କୁ ସମୟ ଦେବା ଓ ସେମାନଙ୍କ ସ୍ନେହର ମୂଲ୍ୟ ବୁଝିବା ଆମର କର୍ତ୍ତବ୍ୟ। ଅତୀତ ଫେରି ଆସିବ ନାହିଁ, ହରାଇଥିବା ମଣିଷମାନେ ମଧ୍ୟ ଫେରିବେ ନାହିଁ। କିନ୍ତୁ ସେମାନଙ୍କ ସହ ବିତାଇଥିବା ସମୟ ଆମ ହୃଦୟରେ ସବୁଦିନ ଜୀବନ୍ତ ରହିବ। ଆଜିର ମିଳାମିଶା, ହସଖୁସି ଓ ଆତ୍ମୀୟତା ଦିନେ ଆମ ପାଇଁ ସ୍ମୃତି ହୋଇଯିବ। ତେଣୁ ବର୍ତ୍ତମାନକୁ ଭଲପାଇବାରେ ବଞ୍ଚିବା ଓ ନିଜ ଲୋକଙ୍କ ପାଇଁ ସମୟ ବାହାର କରିବା ହିଁ ଜୀବନର ପ୍ରକୃତ ସାର୍ଥକତା। ସମ୍ପର୍କର ମୂଲ୍ୟ କେବଳ ଏକାଠି ରହିବାରେ ନୁହେଁ, ଦୂରରେ ରହି ମଧ୍ୟ ପରସ୍ପରକୁ ମନେପକାଇବା ଓ ସ୍ନେହର ଡୋରିକୁ ଅତୁଟ ରଖିବାରେ ରହିଛି। ସମୟ ବଦଳିଯାଏ, ଘର ବଦଳିଯାଏ, ପରିବାରର ରୂପ ବଦଳିଯାଏ; କିନ୍ତୁ ହୃଦୟରେ ସାଇତା ହୋଇ ରହିଥିବା ସ୍ମୃତି କେବେ ପୁରୁଣା ହୁଏନାହିଁ। ସମୟର ସ୍ରୋତ ସବୁକିଛିକୁ ଆଗକୁ ନେଇଯାଏ, କିନ୍ତୁ ସ୍ନେହରେ ଗଢ଼ା ସ୍ମୃତିକୁ କେବେ ଲିଭାଇ ପାରେନାହିଁ। ସେହି ସ୍ମୃତି ହିଁ ଆମ ଜୀବନର ସବୁଠାରୁ ମୂଲ୍ୟବାନ ଉତ୍ତରାଧିକାର।

# ଯୁବବର୍ଗ: ବିପ୍ଳବୀ ନା ବିଭ୍ରାନ୍ତ ?

-: ଡ. ରୀନା ରାଉତରାୟ :-

'ତମେ ମୋ ପାଇଁ କ'ଣ କରିଛ? ମୋତେ ତୁମେ ଏକ ସୁଖଦାୟକ ମୃତ୍ୟୁ ବି ଦେଇ ପାରିବନି। ମୁଁ ମୋର ବ୍ୟର୍ଥ ଜୀବନ ପାଇଁ ବୁର୍ଜ ଖଲିଫା ଉପରୁ ଡେଇଁ ଆତ୍ମହତ୍ୟା କରିବାକୁ ଚାହୁଁଛି, ତୁମେ ସେଥିପାଇଁ ମୋତେ ଆଫର୍ଡ କରି ପାରିବ?'

ଆଜିର ଏକ ଉଦଭ୍ରାନ୍ତ ପୁଅର ଏହି ପ୍ରଶ୍ନ ଥିଲା ତାର ବାପାଙ୍କୁ।

ହଁ ଆଜ୍ଞା, ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ କଥାଟା ଏକ ଦୁଃଖଦାୟକ ଏବଂ ଚିନ୍ତା ଉଦ୍ରେକକାରୀ ସତ୍ୟ ଘଟଣା।

ଅନେକ ଦିନ ପରେ ଜଣେ ବନ୍ଧୁଙ୍କ ସହ ଦେଖା ହେଲା। ନିଜ ବୟସ ଠାରୁ ଅଧିକ ବୟସ୍କ, ମୁହଁରେ ଉଦାସ ଓ ଚିନ୍ତାର ରେଖା। ସବୁବେଳ ହସଖୁସିଆ ସ୍ୱଭାବର ଏହି ବନ୍ଧୁଙ୍କ ଏହି ଶୁଖିଲା ମୁହଁ ଦେଖି ଆପେ ଆପେ ପଚାରି ଦେଲି, ସବୁ ଭଲ ତ?

ବନ୍ଧୁ ମୁହଁ ଶୁଖାଇ କହିଲେ, ହଁ ସବୁ ଠିକ୍ ଚାଲିଛି ଯେ ପୁଅଟା ପାଇଁ ଟିକେ ଚିନ୍ତାରେ ରହୁଛି।

-ପୁଅ ଏବେ କ'ଣ କରୁଛି? ଭଲ ପଢୁଥିଲା ତ!

-ପାଠ ସରିଲା ପରେ ଯାହା କିଛି ଚାକିରୀ ମିଳିଲା, ତାକୁ ପସନ୍ଦ ହେଲାନି, ଏବେ ଘରେ ବସି ଅଦ୍ଭୁତ କଥାବାର୍ତ୍ତା କରି ଆମ ଦୁହିଁଙ୍କ ମୁଣ୍ଡ ଖରାପ କରି ସାରିଲାଣି।

ପୁତ୍ରର ବିଭିନ୍ନ ଅବାନ୍ତର ଯୁକ୍ତି ମଧ୍ୟରୁ ଉପରୋକ୍ତ କଥାଟି ବନ୍ଧୁ ଜଣକ କହିଲେ।

ଶୁଣି ବିରକ୍ତ ଲାଗିଲା। କହିଲି ଦୁଇଟା ଥାପଡ଼ ଦେଲେନି ତାକୁ।

ସେ କହିଲେ, ଥାପଡ଼ ତ ବହୁତ ଦୂର, ତାକୁ କଥା କହିବାକୁ ମଧ୍ୟ ଡର ଲାଗୁଛି। ସବୁ ବେଳେ ଧମକାଉଛି ଆତ୍ମହତ୍ୟା କରି ଦେବି।

ତେଣୁ ବାଧ୍ୟ ହୋଇ ଆମେ ଦୁହେଁ ଚୁପ୍ ରହୁଛୁ। ଏହି ପରିଣତ ବୟସରେ ଏ ସବୁ ଆଉ ସହି ହେଉନି କି ଆମେ କିଛି କରି ବି ପାରୁନୁ। ଭାରି ବ୍ୟସ୍ତ ଲାଗିଲା, ବାପାମାଆ ଭାବରେ ଗୋଟାଏ ମାତ୍ର ପୁଅ ପାଇଁ ତାଙ୍କର ଅସହାୟ ଅବସ୍ଥାକୁ ଦେଖି।

ଏହା କେବଳ ଜଣେ ବାପାମାଆଙ୍କ ସମସ୍ୟା ନୁହେଁ, ପ୍ରାୟତଃ ଏହି ସବୁ ଅବାନ୍ତର ଓ ଉଦ୍ଭଟ ପ୍ରଶ୍ନରେ ଜର୍ଜରିତ ଅଧିକାଂଶ।

ଏହା ମଧ୍ୟ ସତ୍ୟ ଯେ ଆଜିର ଯୁବ ସମାଜ କେବଳ ବୟସରେ ଯୁବ ନୁହେଁ, ଚିନ୍ତାଧାରାରେ ମଧ୍ୟ ଏକ ନୂତନ ବିପ୍ଳବର ପ୍ରତିନିଧି।

ପୂର୍ବରୁ ଯୁବକମାନେ ସାଧାରଣତଃ ପରମ୍ପରା, ପରିବାର ଓ ସମାଜର ନିୟମକୁ ଗ୍ରହଣ କରି ନେଉଥିଲେ। କିନ୍ତୁ ଆଜିର ଯୁବ ପିଢ଼ି ପ୍ରଶ୍ନ କରେ, ତର୍କ କରେ, ତଥ୍ୟ ଖୋଜେ ଓ ନିଜ ପଥ ନିଜେ ତିଆରି କରେ। ଏହି ପରିବର୍ତ୍ତନ କେବଳ ଶିକ୍ଷା ଦ୍ୱାରା ନୁହେଁ, ବରଂ ପ୍ରଯୁକ୍ତି, ଡିଜିଟାଲ ଦୁନିଆ ଓ ଗ୍ଲୋବାଲ ଚିନ୍ତାଧାରା ଦ୍ୱାରା ସୃଷ୍ଟି। ଆଜିର ଯୁବକ ମୋବାଇଲ୍ ଫୋନରେ ପୃଥିବୀକୁ ଧରିରଖିଛି। ସେ ଦେଶ, ଧର୍ମ, ଭାଷା, ଜାତିର ସୀମାକୁ ଭାଙ୍ଗି ଏକ ବିଶ୍ୱନାଗରିକର ଭଳି ଚିନ୍ତା କରୁଛି।

ଯୁବ ବର୍ଗ ଆଜି ସଫଳତାକୁ କେବଳ ଚାକିରି, ଟଙ୍କା ବା ପଦବୀରେ ମାପେ ନାହିଁ। ସେ ଆତ୍ମସନ୍ତୋଷ, ସୃଜନଶୀଳତା, ସ୍ୱାଧୀନତା ଓ ଜୀବନର ଅର୍ଥକୁ ଅଧିକ ମୂଲ୍ୟ ଦେଉଛି। ଏହା ହିଁ ତାଙ୍କ ଚିନ୍ତାକୁ ଅଲଗା ଓ ଆଧୁନିକ କରିଛି।

କିନ୍ତୁ ଯେତେ ସେମାନେ ବୁଦ୍ଧିମାନ, ସେହି ଅନୁସାରେ ସେମାନଙ୍କର ଚିନ୍ତାଧାରା ବେଳେ ବେଳେ ସେତେ ଅଦ୍ଭୁତ ଓ ସ୍ୱାଧୀନ ହୋଇଯାଉଛି।

ଏହି ଅଦ୍ଭୁତ ଚିନ୍ତାଧାରା ସହିତ କିଛି ଚିନ୍ତାଜନକ ଦିଗ ମଧ୍ୟ ରହିଛି। କାରଣ ସେ ଚିନ୍ତାରେ, ସେ ତର୍କରେ ନା ଅଛି ସହାନୁଭୂତି ନା ଭାବ ନା ସମବେଦନା। ଅତ୍ୟଧିକ ସ୍ୱାଧୀନତା କେବେ କେବେ ଅନୁଶାସନହୀନତା, ସମ୍ପର୍କର ଦୂରତା ଓ ଭାବନାତ୍ମକ ଅସ୍ଥିରତାକୁ ଜନ୍ମ ଦେଉଛି। ସ୍ୱାଧୀନ ଚିନ୍ତାଧାରା ସର୍ବଦା ସ୍ୱାଗତଯୋଗ୍ୟ କିନ୍ତୁ ସ୍ୱାଧୀନତା ଯେତେବେଳେ ମାନବିକତା ଠାରୁ ଦୂରେଇ ଯାଏ, ତାହା ଧ୍ୱଂସାଭିମୁଖୀ ହୋଇ ଯାଏ।

ଯୁବ ବର୍ଗଙ୍କୁ ଠିକ୍ ଦିଗରେ ପଥପ୍ରଦର୍ଶନ ଦେବା ଆଜିର ସମାଜର ସବୁଠୁ ବଡ଼ ଦାୟିତ୍ୱ।

ଆଜିର ଯୁବ ସମାଜ ହେଉଛି ଆଗାମୀ ଭାରତର ସମ୍ପଦ।

ବୁଦ୍ଧିମତା ସହିତ ନୀତି, ମୂଲ୍ୟବୋଧ ଓ ମାନବିକତା ଯୋଡ଼ାଯାଏ, ତେବେ ଏହି 'ଅଦ୍ଭୁତ' ଚିନ୍ତାଧାରା ହିଁ ଦେଶକୁ ଏକ ନୂତନ ଦିଗ ଦେଖାଇବ।

କାରଣ ଯୁବବର୍ଗ ଯେତେ ବୁଦ୍ଧିମାନ, ସେତେ ସେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ। ଇତିହାସର ପ୍ରତ୍ୟେକ ଯୁଗରେ ଯୁବ ସମାଜ ଥିଲା ପରିବର୍ତ୍ତନର ଚାଳକ। କିନ୍ତୁ ଏକବିଂଶ ଶତାବ୍ଦୀର ଯୁବ ପିଢ଼ି ସେଇ ଚାଳକ ନୁହେଁ, ସେ ନିଜେ ଏକ ବିପ୍ଳବ।

ଆଜିର ଯୁବ ବର୍ଗ କେବଳ ବୟସରେ ଯୁବ ନୁହେଁ; ସେ ବିଶ୍ୱର ସବୁଠୁ ସୂଚନାଧନୀ, ପ୍ରଯୁକ୍ତିସମୃଦ୍ଧ ଓ ଚିନ୍ତାଶୀଳ ପିଢ଼ି।

UNESCO (୨୦୨୪) ଅନୁଯାୟୀ, ଭାରତର ୬୫% ଜନସଂଖ୍ୟା ୩୫ ବର୍ଷରୁ କମ୍। ଏହା ଆମ ଦେଶକୁ ଏକ ବିଶାଳ 'ଯୁଥ୍ କ୍ୟାପିଟାଲ' (Youth Capital) କରିଛି।

କିନ୍ତୁ ଏହି ବୁଦ୍ଧିର ବିସ୍ଫୋଟ ସହିତ ଏକ ଗଭୀର ପ୍ରଶ୍ନ ଉଠୁଛି, ଆଜିର ଯୁବ ଯେତେ ବୁଦ୍ଧିମାନ, ସେତେ ସେମାନଙ୍କ ଚିନ୍ତାଧାରା କାହିଁକି ଏତେ ଅଦ୍ଭୁତ, ଦ୍ୱନ୍ଦ୍ୱପୂର୍ଣ୍ଣ ଓ ଅସ୍ଥିର?

ନୀତି ଆୟୋଗ (୨୦୨୩)ତଥ୍ୟ ଅନୁଯାୟୀ ଭାରତର ଉଚ୍ଚ ଶିକ୍ଷାରେ ୨୦୧୦ ମସିହାରେ ହୋଇଥିବା ପଞ୍ଜିକରଣ ୨୮% ହୋଇଥିଲା ବେଳେ ୨୦୨୩ ମସିହାରେ ଏହା ୫୧%କୁ ବୃଦ୍ଧି ହୋଇଛି।

ଏଆଇ, ରୋବୋଟିକ, ଜଳବାୟୁ ବିଜ୍ଞାନ, ବାୟୋଟେକ୍ନୋଲୋଜି, ଉଦ୍ୟୋଗ ଇତ୍ୟାଦି ସବୁଥିରେ ସଫଳତାର ସହିତ ଅଗ୍ରସର।

ଡିଜିଟାଲ ସାକ୍ଷରତା ରିପୋର୍ଟ, ୨୦୨୪ (Digital Literacy Report) ଅନୁସାରେ ଭାରତର ୭୬% ଯୁବ ନିୟମିତ ଅନଲାଇନ୍ କୋର୍ସ କରୁଛନ୍ତି। ଷ୍ଟାର୍ଟ ଅପ୍ ଇଣ୍ଡିଆ ରିପୋର୍ଟ କହେ, ୭୨% ଷ୍ଟାର୍ଟଅପ୍ ସଂସ୍ଥାପକ ୩୫ ବର୍ଷରୁ କମ୍। ଯୁବମାନେ ଆଜି 'Job Seeker' ନୁହେଁ, 'Job Creator' ହୋଇ ପାରୁଛନ୍ତି।

ଏହା ଏକ ସକାରାତ୍ମକ ପରିବର୍ତ୍ତନ। ବୁଦ୍ଧି, ଦକ୍ଷତା ଓ ସ୍ୱାଧୀନ ଚିନ୍ତା, ଆଜିର ଯୁବର ପ୍ରଧାନ ଅସ୍ତ୍ର।

ଅପର ପକ୍ଷରେ ବିଶ୍ୱ ସ୍‌ାସ୍ଥ୍ୟ ସଂଗଠନର ୨୦୨୩ ଅନୁଯାୟୀ ୩୦% ଭାରତୀୟ ଯୁବବର୍ଗ ମାନସିକ ବିଷାଦରେ ପୀଡ଼ିତ।

ଆଇଆଇଟି, ଦିଲ୍ଲୀ ୨୦୨୪ର ଏକ ଗବେଷଣାରୁ ଜଣା ଯାଉଛି ୪୦% ଯୁବବର୍ଗଙ୍କ ସ୍କ୍ରିନ ଟାଇମ୍ ଦିନକୁ ୭ ଘଣ୍ଟାରୁ ଊର୍ଦ୍ଧ୍ୱ।

ଏହା ଧୀରେ ଧୀରେ ସମ୍ପର୍କ, ଧୈର୍ଯ୍ୟ, ସଂବେଦନଶୀଳତାକୁ କମାଇ ଦେଉଛି। ଏହି ପରିବର୍ତ୍ତନର ଫଳାଫଳ ହେଉଛି ପାରିବାରିକ ଶିଷ୍ଟାଚାର, ଧୈର୍ଯ୍ୟ, ଆତ୍ମସଂଯମ ଧୀରେ ଧୀରେ କମୁଛି।

ପରିବାର, ସମ୍ପର୍କ ଓ ଏକାକୀପଣ:

ନ୍ୟାସନାଲ ଫ୍ୟାମିଲି ସ୍ୱାସ୍ଥ୍ୟ ସର୍ଭେ National (Family Health Survey) ସହରର ଯୁବ ବର୍ଗ ମଧ୍ୟରେ ୨୦୧୫ରୁ ୨୦୨୩ ମଧ୍ୟରେ ଏକାକୀପଣ ୩୮% ବୃଦ୍ଧି ପାଇଛି।

ଏକାକିତ୍ୱ ଏବେ ଆଜିର ଯୁବର ସବୁଠୁ ବଡ଼ ରୋଗ। ସୋସିଆଲ ମିଡିଆରେ ହଜାର ହଜାର ସାଙ୍ଗ, କିନ୍ତୁ ଆନ୍ତରିକ ସମ୍ପର୍କ ନାହିଁ।

ଭର୍ଚୁଆଲ ଉପସ୍ଥିତି ଅଧିକ ବଢୁଛି, ଦେଖା ସାକ୍ଷାତ କମୁଛି। ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି।

କ୍ୟାରିୟର ବାଛିବାରେ ଯେତେ ବେଶି ପଥ, ସେତେ ବେଶି ଦ୍ୱନ୍ଦ୍ୱ।

ପିତାମାତାଙ୍କ ଚାପ, ସହଯୋଗୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ସୋସିଆଲ ମିଡିଆରେ ଅନ୍ୟମାନଙ୍କ ସହିତ ତୁଳନା ଏ ସବୁ ତରୁଣ ମନକୁ ଭାଙ୍ଗିଦେଉଛି।

AICTE, ୨୦୨୩ ଅନୁସାରେ ମାତ୍ର ୪୨% ଗ୍ରାଜୁଏଟ୍ ଚାକିରୀ ପାଆନ୍ତି। ଶିକ୍ଷା ଡିଗ୍ରୀ ଦେଉଛି, କିନ୍ତୁ ଦିଶା ଦେଖାଉ ନାହିଁ।

ଯାହା ଫଳରେ ଉଚ୍ଚ ଶିକ୍ଷିତ ହୋଇ ମଧ୍ୟ ଅନିଶ୍ଚିତ ଓ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡୁଛି। ମାନସିକ ଭାରସାମ୍ୟ ହରାଇ ଅସନ୍ତୁଳିତ ଓ ଅବସାଦ ଗ୍ରସ୍ତ ହୋଇ ଜୀବନ ଯାପନ କରୁଛନ୍ତି।

ଯୁବ ସମାଜର ଚିନ୍ତାଧାରାକୁ ସବୁଠୁ ଅଧିକ ପରିବର୍ତ୍ତନ କରିଛି ପ୍ରଯୁକ୍ତି ବିଦ୍ୟା। ଭାରତର ୮୫% ଯୁବଶକ୍ତି ସ୍ମାର୍ଟ ଫୋନ୍ ବ୍ୟବହାର କରନ୍ତି। ମାଇକ୍ରୋସଫ୍ଟ ଷ୍ଟଡି ୨୦୨୩ରୁ ଜଣାଯାଇଛି ଯେ ହାରାହାରି ଏକାଗ୍ର ନିରୀକ୍ଷଣ ସମୟ (attention Span) ୮ରୁ ୧୨ ସେକେଣ୍ଡ ମଧ୍ୟରେ ରହୁଛି। ଯାହା ଅତ୍ୟନ୍ତ ଉଦବେଗର ବିଷୟ ଅଟେ।

ଶିକ୍ଷା ନୀତିରେ ପରିବର୍ତ୍ତନ, ବାଧ୍ୟତା ମୂଳକ ନୈତିକ ଶିକ୍ଷା, ମାନସିକ ସ୍ୱାସ୍ଥ୍ୟର ଯତ୍ନ, ସୋସିଆଲ ମିଡ଼ିଆର ଉପଯୁକ୍ତ ବ୍ୟବହାର, ପିତାମାତା ଓ ଅଭିଭାବକମାନଙ୍କୁ ପରାମର୍ଶ ଓ ଯୁବ କେନ୍ଦ୍ରିକ ଶାସନ ମାଧ୍ୟମରେ ଏହି ଭୟଙ୍କର ସମସ୍ୟାକୁ ସମାଧନ କରାଯାଇ ପାରିବ।

ଆଜିର ଯୁବବର୍ଗ ବୁଦ୍ଧିମାନ ଓ ସୃଜନଶୀଳ କିନ୍ତୁ ଅସ୍ଥିର, ଦ୍ୱନ୍ଦ୍ୱପୂର୍ଣ୍ଣ, ଭାବନାତ୍ମକ ଭାବେ ଆହତ। ଯଦି ଆମେ ତାଙ୍କୁ ସଠିକ୍ ପଥ ଦେଖାଇପାରିବା, ତେବେ ଏହି ପିଢ଼ି ଇତିହାସ ଲେଖିବ। ନହେଲେ, ଇତିହାସ ତାଙ୍କ ସହିତ ଆମକୁ ମଧ୍ୟ ପ୍ରଶ୍ନ କରିବ।

ଫୋ- ୯୪୩୮୨୭୨୧୫୨

# ସୋଆ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ ପକ୍ଷରୁ ନବାଗତ ଫାର୍ମାସି ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଦିନିଆ ଓରିଏଣ୍ଟେସନ୍ ପ୍ରୋଗ୍ରାମ



**ଭୁବନେଶ୍ୱର (ଭିଓଭି) :** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ (ଏସ୍‌ପିଏସ୍) ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷରେ ନାମ ଲେଖାଇଥିବା ବି.ଫାର୍ମ ଓ ଏମ୍.ଫାର୍ମ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆୟୋଜିତ ଦୁଇଦିନିଆ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ, ନିୟମାବଳୀ, ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ସହାୟତା ବ୍ୟବସ୍ଥା ଏବଂ ଫାର୍ମାସି କ୍ଷେତ୍ରରେ ରହିଥିବା ବିଭିନ୍ନ ବୃତ୍ତିଗତ ସୁଯୋଗ ସଂପର୍କରେ ନବାଗତମାନଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦ୍‌ଘାଟନୀ ଅଧିବେଶନରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି ମୁଖ୍ୟ ଅତିଥି, ଓଡ଼ିଶା ଡ୍ରଗ୍ କଂଟ୍ରୋଲ୍ ଆଡ଼ମିନିଷ୍ଟ୍ରେସନ୍‌ର ଡେପୁଟି ଡ୍ରଗ୍ସ କଂଟ୍ରୋଲର ଡ. ଲଳିତ କୁମାର ସାହୁ ମୁଖ୍ୟ ବକ୍ତା ଏବଂ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ପିଏସ ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ ମଧ୍ୟ ନବାଗତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

ପ୍ରଥମ ଦିନରେ ପରୀକ୍ଷା ନିୟମାବଳୀ, ହଷ୍ଟେଲ୍ ନିୟମ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ସଂପର୍କରେ ଆଲୋଚନା ହୋଇଥିଲା। ଏହା ସହିତ ଅଧ୍ୟାପକ, ସଂଯୋଜକ, ମେଣ୍ଟର ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ସହ ଛାତ୍ରଛାତ୍ରୀଙ୍କ ପରିଚୟ କରାଯାଇଥିଲା। ଏହାଦ୍ୱାରା ଶୈକ୍ଷିକ ଓ ପ୍ରଶାସନିକ ସହାୟତା ବ୍ୟବସ୍ଥା ସଂପର୍କରେ ସେମାନେ ଅବଗତ ହୋଇଥିଲେ।

କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଫାର୍ମାସ୍ୟୁଟିକାଲ ଶିଳ୍ପ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଏସ୍‌ପିଏସର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଆଲୋଚନାଚକ୍ର। ଏଥିରେ ମର୍କ ଗ୍ରୁପର କ୍ଲିନିକାଲ୍ ସେଫ୍‌ଟି ମ୍ୟାନେଜର ଶ୍ରୀ ମାନସ ରଞ୍ଜନ ଲେଙ୍କା, ଓଡ଼ିଶା ସରକାରଙ୍କ ଡାଇରେକ୍ଟୋରେଟ୍ ଅଫ୍ ଡ୍ରଗ୍ସ କଂଟ୍ରୋଲର ଡ୍ରଗ୍ ଇନ୍‌ସପେକ୍ଟର ଶ୍ରୀ ସୁକାନ୍ତ ସାହୁ, ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ୍ ସମ୍ ହସ୍ପିଟାଲର ମ୍ୟାନେଜର -ପ୍ରୋକ୍ୟୁରମେଂଟ (ଫାର୍ମାସି) ଶ୍ରୀ ପ୍ରଶାନ୍ତ କୁମାର ଦାସ ଏବଂ ଆଇକ୍ୟୁଭିଆର ସେଫ୍‌ଟି ଆଗ୍ରିଗେଟ୍ ରିପୋର୍ଟ ମ୍ୟାନେଜର ଶ୍ରୀ ଆଶିଷ କୁମାର ମହାପାତ୍ର ଯୋଗ ଦେଇଥିଲେ। ଆଲୋଚନାରେ ବୃତ୍ତିଗତ ଦାୟିତ୍ୱ, ଶିଳ୍ପ କ୍ଷେତ୍ରର ଆଶା ଓ ଆବଶ୍ୟକତା, ନିୟାମକ ବ୍ୟବସ୍ଥା, ଔଷଧର ସୁରକ୍ଷା ଏବଂ କ୍ୟାରିୟର ଗଠନ ସଂପର୍କରେ ଉପାଦେୟ ତଥ୍ୟ ମିଳିଥିଲା। ଦ୍ୱିତୀୟ ଦିନରେ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍), କ୍ରୀଡ଼ା, ବିଭିନ୍ନ ଛାତ୍ର କ୍ଲବ୍, ନିଯୁକ୍ତି ସହାୟତା ଏବଂ ଗ୍ରାଜୁଏଟ୍ ଫାର୍ମାସି ଆପ୍‌ଟିଚ୍ୟୁଡ୍ ଟେଷ୍ଟ୍ (ଜିପିଏଟି) ପ୍ରସ୍ତୁତି ଭଳି କାର୍ଯ୍ୟକ୍ରମ ଓ ସୁଯୋଗ ସଂପର୍କରେ ଅବଗତ କରାଯାଇଥିଲା। ଫାର୍ମାସି ଶିକ୍ଷାର ପରିସର ଏବଂ ସ୍ୱାସ୍ଥ୍ୟସେବା ଓ ଗବେଷଣା କ୍ଷେତ୍ରରେ ଏହି ବୃତ୍ତିର ବଦଳୁଥିବା ଭୂମିକା ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା।

କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନେ ସୋଆର ବିଭିନ୍ନ ପ୍ରମୁଖ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଏଥିରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ, ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ', ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍ସେସ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍ସେସ୍ ଆଣ୍ଡ ଆନିମଲ୍ ହଜବାଣ୍ଡ୍ରି ଏବଂ ସୋଆର ଔଷଧ ଶିଳ୍ପଭିତ୍ତିକ ପଦକ୍ଷେପ ସମ୍ ଲାଇଫ୍ ସାଇନ୍ସେସ୍ ଅନ୍ତର୍ଭୁକ୍ତ ଥିଲା। ଏହି ପରିଦର୍ଶନ ମାଧ୍ୟମରେ ନବାଗତମାନେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗବେଷଣା ଓ ଶିଳ୍ପ କ୍ଷେତ୍ରକୁ ନେଇ ଗଢ଼ିଉଠିଥିବା ସୋଆର ବହୁମୁଖୀ ଶୈକ୍ଷିକ ପରିବେଶ ସଂପର୍କରେ ଧାରଣା ଲାଭ କରିଥିଲେ।

# ଶ୍ରୀକ୍ଷେତ୍ର ଭଳି ଏକାମ୍ର କ୍ଷେତ୍ରରେ ବି ମିଳୁ ମାଗଣା ସୁବିଧା

## ସରକାର ହବିଷ୍ୟାଳିଙ୍କ ଖର୍ଚ୍ଚଭାର ଲାଘବ କରନ୍ତୁ : ଭୀଷ୍ମ ନାୟକ





**ଭୁବନେଶ୍ୱର (ଭିଓଭି) :** ପବିତ୍ର କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ର ପୁରୀରେ ହବିଷ୍ୟାଳିମାନଙ୍କ ରହଣି ଓ ସେବା ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା ବେଳେ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ପ୍ରତି ଅଣଦେଖା କରାଯାଉଥିବା ନେଇ ହବିଷ୍ୟାଳିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଭୟ ରହଣି ଏବଂ ଅବଢ଼ା ଦର ବୃଦ୍ଧି ଯୋଗୁଁ ଏଠାରେ ବ୍ରତ ପାଳନ କରିବା ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ ବ୍ୟୟବହୁଳ ହୋଇପଡ଼ିଛି। ତେଣୁ ରାଜ୍ୟ ସରକାର ଶ୍ରୀକ୍ଷେତ୍ର ଭଳି ଏକାମ୍ରରେ ମଧ୍ୟ ମାଗଣା ହବିଷ୍ୟାଳି ସେବା ଯୋଗାଇ ଦେବାକୁ ସାଧାରଣରେ ଜୋରଦାର ଦାବି ଉଠିଛି।

ଶ୍ରୀକ୍ଷେତ୍ରର ଭିଡ଼ ଏଡ଼ାଇବାକୁ ଏକାମ୍ର ହୋଇପାରେ ବିକଳ୍ପ । ପ୍ରତିବର୍ଷ ପୁରୀରେ ଲକ୍ଷାଧିକ ହବିଷ୍ୟାଳି ଓ ଶ୍ରଦ୍ଧାଳୁଙ୍କ ଗହଳି ହେଉଥିବାରୁ ଅନେକ ବୃଦ୍ଧବୃଦ୍ଧା ଭିଡ଼ ଭୟରେ ସେଠାକୁ ଯାଇପାରୁ ନାହାନ୍ତି। ଯଦି ସରକାର ଏକାମ୍ର କ୍ଷେତ୍ରରେ ବିନା ମୂଲ୍ୟରେ ରହଣି ଓ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଅନ୍ତେ, ତେବେ ଶ୍ରୀକ୍ଷେତ୍ର ଉପରୁ ଚାପ ହ୍ରାସ ପାଇବା ସହ ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳର କାର୍ତ୍ତିକ ବ୍ରତ ବ୍ରତୀମାନେ ବିଶେଷ ଉପକୃତ ହୋଇପାରନ୍ତେ। ବିଗତ ଏକ ଦଶନ୍ଧି ଧରି ଭୁବନେଶ୍ୱରରେ ହବିଷ୍ୟାଳିଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି ଏବଂ ଚଳିତ ବର୍ଷ ମଧ୍ୟ ଧର୍ମଶାଳାଗୁଡ଼ିକରେ ବ୍ରତୀଙ୍କ ଆଖିଦୃଶିଆ ଉପସ୍ଥିତି ଦେଖିବାକୁ ମିଳିନାହିଁ।

ସୂଚନା ଅନୁଯାୟୀ, ଏକାମ୍ର କ୍ଷେତ୍ରରେ ହବିଷ୍ୟାଳିମାନେ ମିଳିତ ଭାବେ ଧର୍ମଶାଳାର ଏକ କୋଠରୀରେ ରହିଲେ ମାସକୁ ପ୍ରାୟ ୩ ହଜାର ଟଙ୍କା ଭଡ଼ା ଦେବାକୁ ପଡୁଛି। ଏହା ସହିତ ଅବଢ଼ା ପାଇଁ ଦୈନିକ ପ୍ରାୟ ୧୫୦ ଟଙ୍କା ହିସାବରେ ମାସକୁ ପ୍ରାୟ ୪,୫୦୦ ଟଙ୍କା ଖର୍ଚ୍ଚ ହେଉଛି। ପୂଜା ସାମଗ୍ରୀ, ଦକ୍ଷିଣା ଏବଂ ଯାତାୟାତ ସହିତ ମୋଟ ଖର୍ଚ୍ଚ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ପାଇଁ ବଡ଼ ଆର୍ଥିକ ବୋଝ ପାଲଟୁଛି।

ଏହି ପ୍ରସଙ୍ଗରେ ଏକାମ୍ର ଜନ ଜାଗରଣ ମଞ୍ଚର ସଭାପତି ଭୀଷ୍ମ ନାରାୟଣ ନାୟକ ମତ ରଖିଛନ୍ତି ଯେ, ସରକାର ତୀର୍ଥସ୍ଥାନର ଉନ୍ନତି ଓ ବରିଷ୍ଠ ନାଗରିକଙ୍କ ତୀର୍ଥ ଭ୍ରମଣ ପାଇଁ ଅନେକ ଯୋଜନା କରୁଛନ୍ତି। ତେଣୁ ଏକାମ୍ର କ୍ଷେତ୍ରରେ ମଧ୍ୟ ହବିଷ୍ୟାଳିମାନଙ୍କ ଲାଗି ସରକାର ହାତ ଖୋଲି ଦେୟମୁକ୍ତ ସେବା ଯୋଗାଇ ଦେଲେ ଏହି ଐତିହ୍ୟ କ୍ଷେତ୍ରର ଗରିମା ବୃଦ୍ଧି ପାଇବ।

କାର୍ତ୍ତିକ ମାସ ଆରମ୍ଭରୁ ଅନନ୍ତ ବାସୁଦେବ ଓ ଲିଙ୍ଗରାଜ ମନ୍ଦିରରେ ମହାପ୍ରସାଦ ଦର ବଢ଼ିବ ବୋଲି ସୂପକାର ସେବକମାନେ ପ୍ରକାଶ କରିଛନ୍ତି। କାଠ, ପରିବା, ଘିଅ, ଡାଲି ଏବଂ ଚାଉଳ ଭଳି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ପାଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୧୦୦ ଟଙ୍କାରେ ମିଳୁଥିବା ଅନ୍ନ, ଡାଲି ବା ଡାଲମା ଏବଂ ବେସରର ଥାଳି ଏବେ ଆଉ ୪୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ। ରନ୍ଧନ ସାମଗ୍ରୀର ମୂଲ୍ୟ ବୃଦ୍ଧି ଓ ସେବାକାରୀଙ୍କ ପେଟପାଟଣାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁ ତଥା ସମଗ୍ର ରାଜ୍ୟବାସୀ ଏଥିରେ ସହଯୋଗ କରିବେ ବୋଲି ସେବାୟତମାନେ ଆଶା ବ୍ୟକ୍ତ କରିଛନ୍ତି।

# ଗଙ୍ଗାରେ ପ୍ରାଣ ହରାଇଲେ ସମାଜସେବୀ

ପୁରୀ (ଭିଓଭି): ମୃତ୍ୟୁ ଏମିତି ବି ଆସେ! ଗତ ବୁଧବାର ଦିନ କୋଲକାତା ସ୍ଥିତ ଗଙ୍ଗା (ହୁଗୁଳି) ନଦୀରେ ସ୍ନାନ କରି ତର୍ପଣ କରୁଥିବା ସମୟରେ ଅସାବଧାନତା ବଶତଃ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି ପୁରୀର ଲୋକପ୍ରିୟ ସମାଜସେବୀ ତଥା ମାରୁତି ସେନା ସ୍ୱେଚ୍ଛାସେବୀ ସଂଗଠନର ପୂର୍ବତନ ଜିଲ୍ଲା ସଭାପତି ଦେବ ପ୍ରସାଦ ମିଶ୍ର। ସ୍ୱର୍ଗତଃ ମିଶ୍ରଙ୍କ ଜନ୍ମ ପୁରୀ ନିକଟବର୍ତ୍ତୀ ବ୍ରହ୍ମଗିରିରେ।



କୁନା ଭାଇ ନାମରେ ସେ ବେଶ୍ ପରିଚିତ। ପିଲା ଠାରୁ ବୟସ୍କ ସମସ୍ତଙ୍କର ସେ ପ୍ରିୟପାତ୍ର। ଛାତ୍ର ରାଜନୀତିରୁ ଆରମ୍ଭ କରି ସମାଜ ସେବା ଆଦିରେ ସେ ଜଣେ ଚର୍ଚ୍ଚିତ ଚେହେରା। ତାଙ୍କର ଅକାଳ ବିୟୋଗରେ ପୁରୀ ତଥା ବ୍ରହ୍ମଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସାଂସଦ ଡାଃ ସମ୍ବିତ୍ ପାତ୍ର ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ମାରୁତି ସେନା ମୁଖ୍ୟ କାର୍ଯ୍ୟାଳୟରେ କୁନା ମିଶ୍ରଙ୍କର ବିୟୋଗରେ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମାରୁତି ସେନା ରାଜ୍ୟ ସଭାପତି ପପୁ ଦଳବେହେରା, ଜିଲ୍ଲା ସଭାପତି ବଳରାମ ବାରିକ, ଜଗବନ୍ଧୁ ଦାସ, ସୁଦର୍ଶନ ନାୟକ, ପ୍ରତିମା ମିଶ୍ର, ଅନୁରାଧା ପଣ୍ଡା, ସସ୍ମିତା ବେଜ, ସ୍ମିତା ପାତ୍ର, ଜୟଶ୍ରୀ ପାଢ଼ି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆର୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ

ବାଲେଶ୍ୱର( ଭିଓଭି ) ୨୧/୧୦ : ବିଜୟା ଦଶମୀ ତିଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂ ସେବକ ମାନଙ୍କ ଦ୍ୱାରା ପଥ ସଞ୍ଚଳନ ଯାତ୍ରା ସହିତ ନଗର ପରିକ୍ରମା କରାଯାଇଥିଲା



। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କେବଳ ଏକ ସଂଗଠନ ନୁହେଁ, ବରଂ ଏହା ରାଷ୍ଟ୍ରୀୟ ଚେତନା, ଶୃଙ୍ଖଳା, ସେବା, ସମର୍ପଣ ଓ ସାଂସ୍କୃତିକ ମୂଲ୍ୟବୋଧର ଏକ ଅବିରତ ଯାତ୍ରା। ରାଷ୍ଟ୍ର ପ୍ରତି କର୍ତ୍ତବ୍ୟବୋଧ ଓ ସମାଜ ପ୍ରତି ସେବା ଭାବକୁ ଜାଗ୍ରତ କରିବା ହେଉଛି ଏହି ଯାତ୍ରାର ମୂଳ ପ୍ରେରଣା । ସ୍ଥାନେ ସ୍ଥାନେ ମହିଳା ମାନଙ୍କ ଦ୍ୱାରା ଧ୍ୱଜ ପୂଜନ ର ଆୟୋଜନ କରାଯାଇଥିଲା । ଏହି ପଥ ସଞ୍ଚଳନ କାର୍ଯ୍ୟକ୍ରମରେ ସାଂସଦ ମାନ୍ୟବର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ , ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ , ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିଲେ ।

## ସଂପାଦକୀୟ

# ତୀର୍ଥ ଆଉ କ'ଣ କି !

ନିକଟରେ ସାଉଦି ଆରବର ପବିତ୍ର ଧାର୍ମିକ ସ୍ଥଳ ମକ୍କାରେ ଜଣେ ବାଂଲାଦେଶୀ ଦମ୍ପତିଙ୍କ ଚୁମ୍ବନ ଓ ମୁଣ୍ଡକାଟ ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ଖବର ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଦୁର୍ଗାପୂଜା ସମୟରେ ମଧ୍ୟ ଅନେକ ଭକ୍ତିଭାବପୂର୍ଣ୍ଣ ଖବରକୁ ନେଇ ଚର୍ଚ୍ଚା ଓ ଆଲୋଚନା ଜାରି ରହିଛି। କିଏ ଭିଡ଼ ଭିତରେ ମାଆଙ୍କୁ ଦର୍ଶନ କରି ନ ପାରି କେବଳ ବାହାରର ତୋରଣ ଦେଖି ଫେରୁଛି, ତ ଆଉ କିଏ ଠେଲାପେଲା ଓ ଗହଳି ଭିତରେ ପଶି ପ୍ରାଣ ହରାଉଛି। ଏଭଳି ଖବର ଭିତରେ କିଛି ସାମାଜିକ କର୍ମୀ ଓ ଇନ୍‌ଫ୍ଲୁଏନ୍‌ସର ନିଜ ଜନ୍ମଦାତ୍ରୀ ମାଆଙ୍କର ଘରେ ସେବାଶୁଶ୍ରୂଷା କରିବା ସହ ସେହି ଦୃଶ୍ୟର ଭିଡିଓ ପୋଷ୍ଟ କରି ତାହାକୁ ଶ୍ରେଷ୍ଠ ଭକ୍ତିର ଉଦାହରଣ ବୋଲି ଦାବି କରୁଛନ୍ତି। କାହା ପାଇଁ କେଉଁଟି ଭକ୍ତିର ଶ୍ରେଷ୍ଠ ମାର୍ଗ, ସେ ବିଷୟରେ ଭାବୁଥିବା ବେଳେ ନିକଟରେ ଆମ ଘରେ ଘଟିଯାଇଥିବା ଏକ ଅନୁରୂପ ଘଟଣା ମନେ ପଡ଼ିଯାଉଛି। ଘରେ ବୋଉଙ୍କ ପାଇଁ ୱାକର୍‌ର ସାହାଯ୍ୟ ବିନା ପାଦେ ଆଗକୁ ବଢ଼ିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଆମମାନଙ୍କର ଜନ୍ମଦିନ ଆସିଲେ କିମ୍ବା ଷଠୀ ଓଷାରେ ବନ୍ଦାପନା କରିବାର ଆବଶ୍ୟକତା ପଡ଼ିଲେ, ସେ ନିଜ ଖଟ ଉପରେ କିମ୍ବା ଚୌକିରେ ବସି ପୂଜା ଓ ବନ୍ଦାପନା କାମ କରିଦେଇଥାନ୍ତି। ଏବର୍ଷ ଜନ୍ମାଷ୍ଟମୀ ଦିନ ପୁଅ ଗୁରୁଣ୍ଡି ଗୋପାଳଙ୍କର ଏକ ପିତ୍ତଳ ମୂର୍ତ୍ତି ଆଣି ଠାକୁରଘର ଭିତରେ ଏକ ଦୋଳି ତିଆରି କରି ସୁନ୍ଦର ଭାବେ ସଜାଇ ପୂଜା କରିବାର ବନ୍ଦୋବସ୍ତ କରିଥିଲା। ଆମେ ସମସ୍ତେ ପୂଜା ଓ ଭଜନ ସାରି ଭୋଗ ଲଗାଇବା ପରେ ବୋଉ ଗାଧୋଇ ସାରି ଆସିଲେ। ଠାକୁରଘରେ ଶ୍ରୀକୃଷ୍ଣଙ୍କର ନୂଆ ମୂର୍ତ୍ତିଟି ଏକ ସୁନ୍ଦର ଦୋଳିରେ ଝୁଲୁଥିବା ଏବଂ ପୂଜା ସମୟର ଫଟୋ ଓ ଭିଡିଓ ମୁଁ ବୋଉଙ୍କୁ ଦେଖାଇଲି। ଘରେ ହେଉ କିମ୍ବା କୌଣସି ପର୍ବପର୍ବାଣିରେ ମନ୍ଦିରରେ, ମୁଁ ସବୁବେଳେ ଏହିପରି ଫଟୋ ଓ ଭିଡିଓ ଉଠାଇ ଆଣି ସେମାନଙ୍କୁ ଦେଖାଇଥାଏ। ନନା ଓ ବୋଉ ଉଭୟ ସେହି ଫଟୋ ଦେଖି ଖୁସି ହେବା ସହ ମୁଣ୍ଡିଆ ମାରିଥାନ୍ତି। ସେଦିନ ମଧ୍ୟ ସେମାନେ ଗୁରୁଣ୍ଡି ଗୋପାଳଙ୍କ ମୂର୍ତ୍ତି ଓ ସୁନ୍ଦର ଦୋଳି ଦେଖି ଖୁସିହୋଇ ମୁଣ୍ଡିଆ ମାରିଲେ। ଅଚାନକ ପୁଅ ପାଟିରୁ ବାହାରି ପଡ଼ିଲା, "ମାଆ, ତୁମେ ଚାଲୁନା! ଠାକୁରଘରକୁ ଟିକିଏ ଯାଇ ଦେଖି ଆସିବ। ଦେଖିବ, କେତେ ସୁନ୍ଦର ଭାବରେ ସଜା ହୋଇଛି!" ଏହା ଶୁଣି ନନା ଖୁସି ହେଲେ। କିନ୍ତୁ ବୋଉ କେମିତି ଚାଲିକରି ଯିବେ, ସେହି ଚିନ୍ତାରେ ଦୁଃଖିତ ହୋଇ ମନା କରିଦେଲେ। ହେଲେ ପୁଅ କିଛି ଶୁଣିବାକୁ ନାରାଜ। ତାର ଗୋଟିଏ ଜିଦ୍, ମାଆ ଯିବେ ଏବଂ ଠାକୁରଘରେ ପହଞ୍ଚି ନିଜ ଆଖିରେ ଠାକୁରଙ୍କୁ ଦେଖିବେ। ବୋଉ ବସୁଥିବା ସ୍ଥାନରୁ ଠାକୁରଘରର ଦୂରତା ମାତ୍ର ଦଶରୁ ପନ୍ଦର ଫୁଟ ହେବ। କିନ୍ତୁ ଗୋଡ଼ ଓ ଆଣ୍ଠୁର ସମସ୍ୟା ଯୋଗୁଁ ସେତିକି ବାଟ ଚାଲିଯିବା ମଧ୍ୟ ତାଙ୍କ ପାଇଁ ଅସମ୍ଭବ ପ୍ରାୟ ହୋଇପଡ଼ିଛି। ଚାଲିବା ପାଇଁ ମନରେ ଆଉ ସାହସ ନାହିଁ। ପୁଅ ରାସ୍ତାରେ ଥିବା ସମସ୍ତ ପ୍ରତିବନ୍ଧକ ହଟାଇ ଦେଇ ବୋଉଙ୍କୁ କହିଲା, "ଚାଲ, ମାଆ!" ବାଧ୍ୟ ହୋଇ ବୋଉ ଓ ନନା ଠାକୁରଘର ଅଭିମୁଖେ ବାହାରିଲେ। ସମସ୍ତଙ୍କ ସାହାଯ୍ୟରେ ବହୁ କଷ୍ଟରେ ଠାକୁରଘରେ ପହଞ୍ଚିଲେ ବୋଉ। ନନାଙ୍କ ସହ ମିଶି ଦୋଳିରେ ଝୁଲୁଥିବା ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଦେଖିଲେ। ହଠାତ୍ ତାଙ୍କ ଆଖିରୁ ଦୁଇଧାର ଲୁହ ଝରିପଡ଼ିଲା। ଆବେଗଭରା କଣ୍ଠରେ ସେ କହିଲେ, "ତୀର୍ଥ ଆଉ କ'ଣ କି!" ସେ ଆହୁରି କହିଲେ, "ମୋତେ ଆଜି ଚାରିଧାମ ଦର୍ଶନ କରିବାର ଅନୁଭୂତିଠାରୁ ଆହୁରି ଅଧିକ ଖୁସି ଲାଗୁଛି।"

ଏହିକଥା ଶୁଣି ମୋର ୨୦୦୦ ମସିହାର ଏକ ଘଟଣା ମନେ ପଡ଼ିଗଲା। ସେତେବେଳେ ଅସୁସ୍ଥ ବୁଢ଼ୀ ମାଆଙ୍କୁ ବାଇକ୍‌ର ମଝିରେ ବସାଇ ରାମମନ୍ଦିର ଓ ଇସ୍କନ ମନ୍ଦିର ବୁଲାଇ ଆଣିଥିଲି। ସେତେବେଳେ ମଧ୍ୟ ସେ ସେହି ସମାନ କଥା କହିଥିଲେ, "ତୀର୍ଥ ଆଉ କ'ଣ କି!" ଏଠାରେ କହିବାର ତାତ୍ପର୍ଯ୍ୟ ହେଉଛି, ସେ ବୁଢ଼ୀ ମାଆ ହୁଅନ୍ତୁ କି ବୋଉ, ଉଭୟ ଶରୀର ସୁସ୍ଥ ଥିବା ସମୟରେ ବସ୍ ଓ ତୀର୍ଥଯାତ୍ରା ଟ୍ରେନ୍‌ରେ ଯାଇ ଚାରିଧାମ ଦର୍ଶନ କରି ଆସିଥିଲେ। କିନ୍ତୁ ବୟସ ବଢ଼ିବା ସହ ଶରୀର ଅସୁସ୍ଥ ହୋଇପଡ଼ିବାରୁ ଆଜି ଘର ଭିତରେ ଥିବା ଠାକୁରଘରକୁ ଯାଇ ମୁଣ୍ଡିଆ ମାରିବା ପାଇଁ ମଧ୍ୟ ସେମାନେ ଅକ୍ଷମ। ସୁସ୍ଥ ଥିବା ବେଳେ ଚାରିଧାମ ଦର୍ଶନ ସେମାନଙ୍କ ପାଇଁ ଭକ୍ତିର ଏକ ଶ୍ରେଷ୍ଠ ଅନୁଭୂତି ଥିଲା। କିନ୍ତୁ ଅସୁସ୍ଥ ଶରୀରରେ ଅତି କଷ୍ଟରେ ଚାଲିଚାଲି ଘର ଭିତରେ ଥିବା ଠାକୁରଘରେ ପହଞ୍ଚିବାର ଆନନ୍ଦ ଚାରିଧାମ ଦର୍ଶନଠାରୁ ମଧ୍ୟ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମୋତେ ଅନୁଭବ ହେଲା। ଠେଲାପେଲା ଓ ଅସମ୍ଭାଳ ଗହଳି ଭିତରକୁ ପଶି ନିଜ ଧନଜୀବନକୁ ବିପଦରେ ପକାଇବା ଅପେକ୍ଷା ଆସନ୍ତୁ, ଘର ଭିତରେ ଥିବା ଠାକୁରଙ୍କୁ ପ୍ରତିଦିନ ଭକ୍ତିର ସହ ପୂଜା କରିବା। ଆମ ଘରେ ଥିବା ଚଳନ୍ତି ଠାକୁର, ବାପା ଓ ମାଆଙ୍କର ସେବାଶୁଶ୍ରୂଷା କରିବା। କାରଣ, ଈଶ୍ୱର କେବଳ ମନ୍ଦିରରେ ନୁହନ୍ତି; ସେ ଆମ ଜୀବନରେ ମଧ୍ୟ ଅଛନ୍ତି। ଆମ ଜନ୍ମଦାତା ପିତାମାତାଙ୍କ ମଧ୍ୟରେ ଈଶ୍ୱରଙ୍କୁ ଦର୍ଶନ କରିବା ଏବଂ ସେମାନଙ୍କ ସେବା କରିବା ହିଁ ପ୍ରକୃତ ଭକ୍ତିର ଏକ ମହାନ ମାର୍ଗ। ସେହି ସେବା ହିଁ ଶ୍ରେଷ୍ଠ ଭକ୍ତି। ସେହି ଘର ହିଁ ଶ୍ରେଷ୍ଠ ତୀର୍ଥ। ତୀର୍ଥ ଆଉ କଣ କି !

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଜଳ, ଜୀବନ ଓ ଦକ୍ଷିଣ ଓଡ଼ିଶାର ବକ୍ସାଇଟ

**ଦେବ ରଞ୍ଜନ**

କୋରାପୁଟ ଜିଲ୍ଲା ବାଲଦା ଅଞ୍ଚଳର ବାସିନ୍ଦା ସୀତାରାମ ସୀଶାଙ୍କ ଅନୁମାନ ଆଦୌ ଅମୂଳକ ନୁହେଁ। ସେ କୁହନ୍ତି, "ଆମ ନାଗେଶ୍ୱରୀ ପାହାଡରୁ କେତେ ଝରଣା ଯାଇ ମାଛକୁଣ୍ଡରେ ପଡିଛି ପୁଣି ଆଉ କେତେ ଝରଣା ପଡିଛି କୋଲାବ ଜଳଭଣ୍ଡାରରେ। ଆମ କୋରାପୁଟର ଏମିତି ଅନେକ ବକ୍ସାଇଟ ପାହାଡରୁ ଝୋଲା ସବୁ ନଦୀ ହୋଇ ପୁଣି ଜଳ ଭଣ୍ଡାର ହୋଇଛି। ଏବେ ନାଗେଶ୍ୱରୀକୁ ଆଦନୀକୁ ସରକାର ଦେବା ଭଳି ସବୁ ପାହାଡକୁ ଏବେ ସରକାର କମ୍ପାନୀମାନଙ୍କୁ ଲିଜ ଦେଉଛନ୍ତି। ଆମେ ଲଢେଇ କରି ବନ୍ଦ ନକଲେ କୋରାପୁଟ ମରୁଭୂମି ପାଲଟି ଯିବ।"

ସୀତାରାମଙ୍କ କହିବାର ଯଥାର୍ଥତା ରହିଛି। ବକ୍ସାଇଟର ଜଳଧାରଣ କ୍ଷମତା ଅଧିକ। ଏହି ସମସ୍ତ ପାହାଡର ଗଠନ ଶୈଳୀ ମଧ୍ୟ ସମାନ। ପାହାଡର ଉପରିଭାଗ ବେଶ କେତେ କିଲୋମିଟର ଲମ୍ବା ଓ ଓସାର। ଏ ମୁଣ୍ଡରୁ ସେ ମୁଣ୍ଡ ଦେଖାଯିବନାହିଁ। ପାହାଡର ଶୀର୍ଷ ସମତଳ ହୋଇଥିବା କାରଣରୁ ବର୍ଷା ଜଳ ଗଡି ନଯାଇ ସଞ୍ଚିତ (ଗିବସାଇଟ ସ୍ତର) ହୋଇଥାଏ। ବକ୍ସାଇଟ ପାହାଡର ଉପର ମାଟି ଏହି ବର୍ଷା ଜଳକୁ ଧରି ରଖେ। ସେହି ବର୍ଷା ଜଳ ପୁଣି ଧୀରେ ଧୀରେ ପାହାଡ ଭିତରେ ତଳକୁ ତଳକୁ ଯାଇଥାଏ ଠିକ ଏକ କଠିନ ପଥରର ସ୍ତର ପର୍ଯ୍ୟନ୍ତ। ସେହି କଠିନ ପଥର ହେଉଛି କୋଣ୍ଡାଲାଇଟ।

ବକ୍ସାଇଟ ପାହାଡ଼ରୁ ବାହାରିଥିବା ଝରଣା ଚିରସ୍ରୋତା– ବର୍ଷ ତମାମ ଜଳ ଏଥିରେ ଚାଲିଥାଏ। ପ୍ରକୃତିର ଏହା ଅତି ଆଶ୍ଚର୍ଯ୍ୟ ସୃଷ୍ଟି। ଏହି ସମସ୍ତ ଝରଣା କେବେ ପାହାଡର ଅତି ଉପରିଭାଗରେ ବାହାରି ନଥାଏ କିମ୍ବା ପାହାଡର ଅତି ନିମ୍ନ ଭାଗରେ ମଧ୍ୟ ବାହାରି ନଥାଏ। ଝରଣା ସର୍ବଦା ପାହାଡର ମଝାମଝି ଅଞ୍ଚଳରୁ ବାହାରି ଥାଏ। କାରଣ ଝରଣା ବାହାରୁଥିବା ତଳେ ନିଶ୍ଚିତ କୋଣ୍ଡାଲାଇଟ ପଥର ରହିଛି। ଉପରର ବର୍ଷା ଜଳ ସେହି ପର୍ଯ୍ୟନ୍ତ ମାଟି ଭିତରେ ଆସିବା ପରେ ପୁଣି ଝରଣା ଆକାରରେ ମାଟି ଭିତରୁ ବାହାରି ଆସୁଛି।



ସମଗ୍ର ଦକ୍ଷିଣ ଓଡିଶା ଓ ବିଶାଖାପାଟଣା ଏଜେନ୍ସି ଅଞ୍ଚଳରେ ଯଦି ଅନ୍ୟୁନ୍ୟ ୫୦ରୁ ଅଧିକ ବକ୍ସାଇଟ ପାହାଡ ରହିଥିବ ତେବେ ସେଥିରୁ ବାହାରି ଥିବା ସମୁଦାୟ ଝରଣାର ସଂଖ୍ୟା ଦୁଇ ହଜାର ହେବ ବା ଅଧିକ। ଜିୟଲୋଜିଷ୍ଟମାନେ ମାଟି ଭିତରେ କେତେ ବକ୍ସାଇଟ ଅଛି ତାହା ତ କହିଦେଲେ କିନ୍ତୁ ମାଟି ଉପରେ କେତେ ଝରଣା ବୋହିଯାଉଛି ତାହାର ଗଣତି କଲେନାହିଁ।

ଜିୟଲୋଜିଷ୍ଟ ମାନେ ବି ବକ୍ସାଇଟ ସହିତ ଚିରସ୍ରୋତା ଝରଣା ମଧ୍ୟରେ ରହିଥିବା ସମ୍ବନ୍ଧକୁ ବି ଉନ୍ମୋଚନ କଲେ ନାହିଁ। ଏହା ଦ୍ୱାରା ବକ୍ସାଇଟ ଉତ୍ତୋଳନକୁ ବିରୋଧ କରାଯିବ – ବୋଧହୁଏ ଏହା ଥିଲା କାରଣ। ଆଜି ଆମକୁ ଅନେକ ଗବେଷଣା ଓ ଅନେକ ଭୂତତ୍ତ୍ୱବିତଙ୍କ ସହିତ ପ୍ରାଇଭେଟ ଆଲୋଚନା ପରେ ସିଦ୍ଧାନ୍ତରେ ପହଞ୍ଚିପାରୁଛୁ ଯେ ବକ୍ସାଇଟ ପାହାଡ ସହିତ ଚିରସ୍ରୋତା ଝରଣାର ନିବିଡ ସମ୍ବନ୍ଧ ରହିଛି।

ଦକ୍ଷିଣ ଓଡିଶାର ମୁଖ୍ୟ ବକ୍ସାଇଟ ପାହାଡ ହେଲା ନିୟମଗିରି, ବାଫଲାମାଳି, ସିଜିମାଳି, କୁଟ୍ରୁମାଳି, ନାଗେଶ୍ୱରୀ, ପଞ୍ଚପୁଟ, ସେରୁବନ୍ଧ, ବାସଙ୍ଗ, ମାଳିପର୍ବତ, ଦେଓମାଳି, କୋଡିଙ୍ଗା,ଓ ଗନ୍ଧମାର୍ଦ୍ଦନ ଇତ୍ୟାଦି। ଏହା ଉପରେ ନିର୍ଭର କରି ରହିଛନ୍ତି କନ୍ଧ, ପରଜା, ଝୋଡିଆ ଇତ୍ୟାଦି ଅନେକ ଜନଜାତିର ଲୋକେ। ସେମାନେ ପୂର୍ବେ କୃଷିଜୀବୀ ନଥିଲେ। ପରେ ସେମାନେ ଚିରସ୍ରୋତା ଝରଣା କାରଣରୁ କୃଷିଜୀବୀ ପାଲଟିଛନ୍ତି। ସେମାନଙ୍କ ସହିତ ପୁଣି ମିଶିଛନ୍ତି ଦଳିତ ଓ ଅନେକ ଓବିସି ଜାତିର ଲୋକେ। ସମସ୍ତେ ଆଜି କୃଷିଜୀବୀ ବିଭିନ୍ନ ଭାବରେ। କୃଷକ ଚାଷ କଲେ ଯେ କେବଳ ତାହାର ପରିବାର ଖାଦ୍ୟ ପାଏ ତାହା ନୁହେଁ, ଗାଁକୁ ଆସୁଥିବା ବ୍ୟବସାୟୀ ଠାରୁ ଜଙ୍ଗଲର ଜୀବଜନ୍ତୁ ଓ ପକ୍ଷୀ ପର୍ଯ୍ୟନ୍ତ ସମସ୍ତେ ସେଥିରେ ବଞ୍ଚିଥାନ୍ତି। ସେହି ଚାଷ ବନ୍ଦ ହୋଇଗଲେ ସମସ୍ତେ ପୁଣି ଭୋକିଲା ରହିଯିବେ।

ବକ୍ସାଇଟ ଆଦୌ ମାଟି ତଳେ ଅବ୍ୟବହୃତ ହୋଇରହିନାହିଁ। ଦକ୍ଷିଣ ଓଡିଶାର ସେହି ସହସ୍ର ଝରଣା ମିଶି ସୃଷ୍ଟି କରିଛନ୍ତି ନାଗାବଳୀ, ବଂଶଧାରା, ସିଲେରୁ, ଶବେରୀ ଓ ଇନ୍ଦ୍ରାବତୀ ନଦୀ। ସେହିମାନେ ପୁଣି ଓସାରିଆ କରିଛନ୍ତି ଗୋଦାବରୀ ନଦୀକୁ। ଏହି ସମସ୍ତ ନଦୀର ଉପସ୍ଥିତି ହେତୁ ଅନେକ ହଜାର ଏକର ଚାଷ ଜମିକୁ ପାଣି ଓ ଶହେରୁ ଅଧିକ ସହରକୁ ପାନୀୟ ଜଳ ମିଳିପାରୁଛି। ଏଥିରୁ ଅନୁମାନ କରିହେଉଥିବ ଯେ ଦକ୍ଷିଣ ଓଡିଶା, ଦକ୍ଷିଣ ପୂର୍ବ ଆନ୍ଧ୍ର ପ୍ରଦେଶ ଓ ଉତ୍ତର ପୂର୍ବ ତେଲେଙ୍ଗାନାର ଏହି ବିରାଟ ଅଞ୍ଚଳର ପ୍ରାଣକେନ୍ଦ୍ର ହେଉଛି ଏହି ବକ୍ସାଇଟ ପାହାଡ। ଏହାକୁ ଅବ୍ୟବହୃତ ଦର୍ଶାଇ ଯଦି କମ୍ପାନୀମାନଙ୍କୁ ଦେଇଦିଆଯାଏ ତେବେ ଏକ ବିରାଟ ଅଞ୍ଚଳ କ୍ରମଶଃ ମରୁଭୂମୀରେ ପରିଣତ ହୋଇଯିବ।

ବିଭିନ୍ନ ରିପୋର୍ଟରେ ଆଫ୍ରିକାର ଜାମାଇକା ଓ ଅଷ୍ଟ୍ରେଲିଆର ବକ୍ସାଇଟ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଆଜି ଚାଷଶୂନ୍ୟ ଓ ଜନବସତି ଶୂନ୍ୟ ହୋଇଯାଇଥିବା ପ୍ରକାଶ ପାଉଛି। ଖଣି ପରବର୍ତ୍ତୀ ଅଞ୍ଚଳର ପରିବର୍ତ୍ତନ ହୁଏତ ବାତ୍ୟା ହେତୁ ହେଉଥିବା ଧ୍ୱଂସ ଭଳି ତୁରନ୍ତ ଦେଖାଯିବ ନାହିଁ କିନ୍ତୁ ଏହି କ୍ଷତି ଏତେ ଗଭୀର ଯେ ତାହାକୁ ପୂରଣ ମଧ୍ୟ କରାଯାଇପାରିବ ନାହିଁ।

ବକ୍ସାଇଟର ଉପକାରିତା ଓ ଏହାର ଉତ୍ତୋଳନ ଲାଗି ଉଦ୍ଦିଷ୍ଟ ଆଲୁମିନିୟମ କମ୍ପାନୀମାନଙ୍କ ପ୍ରଦୂଷଣକୁ ଅଣଦେଖା କରି ନିର୍ବାଚିତ ସରକାରମାନେ ଗୋଟିଏ ପରେ ଗୋଟିଏ ପାହାଡ ଦେଶ ଓ ବିଦେଶର ବୃହତ କମ୍ପାନୀମାନଙ୍କୁ ଲିଜ ଦେବା ଆରମ୍ଭ କରିଛନ୍ତି। ସେମାନେ କହୁଛନ୍ତି ଯେ ବକ୍ସାଇଟ ଏକ ଅବ୍ୟବହୃତ ପଦାର୍ଥ ହେଲେ ଏଥିରୁ ପ୍ରସ୍ତୁତ ଆଲୁମିନିୟମର ବିରାଟ ବଜାର ରହିଛି। ସେମାନେ କେବଳ ଆଲୁମିନିୟମର ବ୍ୟବହାର ଖାଦ୍ୟର ଫଏଲ, ଔଷଧର କୋଟିଙ୍ଗ ଓ ଝରକାର ଫ୍ରେମରେ ରହିଥିବା ଦେଖାଉଛନ୍ତି।

ସତ ହେଲା ଯେ ସେଥିଲାଗି ଯେତିକି ଆଲୁମିନିୟମ ବିକ୍ରି ହୁଏ ସେଥିରେ ଶିଳ୍ପପତିଙ୍କ ଚା ଖର୍ଚ୍ଚ ବି ଉଠୁନଥିବ। ମୂଳ ଲକ୍ଷ ଏରୋପ୍ଲେନ ଓ ଯୁଦ୍ଧାସ୍ତ୍ର କମ୍ପାନୀଙ୍କୁ ବିକ୍ରି। ମିସାଇଲ, ଡ୍ରୋନ, ରକେଟ, ରକେଟ ଲଞ୍ଚର, ଜେଟ ବିମାନ ଲାଗି ଆବଶ୍ୟକ ହାଇଗ୍ରେଡ ଆଲୁମିନିୟମ। ଆଜି ସବୁ ଆଲୁମିନିୟମ କମ୍ପାନୀ ଲାଗିଛନ୍ତି ହାଇଗ୍ରେଡ ଆଲୁମିନିୟମର ପ୍ରସ୍ତୁତିରେ। ସେହି ସମସ୍ତଙ୍କର ବଡ ସ୍ଲୋଗାନ ଦେଶର ବିକାଶ। ବିକାଶ ବଡ ଅଦ୍ଭୁତ ବିଷୟ। ଏହା ମୂଳରୁ କାହା ଲାଗି ଲାଭ ଓ ଆଉ କାହାର ଧ୍ୱଂସ ନେଇ ଉତ୍ପତ୍ତି ହୋଇଛି।

ଗୋଟିଏପଟରେ ବକ୍ସାଇଟର ବ୍ୟବହାର ବଢୁଛି ଯୁଦ୍ଧାସ୍ତ୍ରର ବ୍ୟବହାର ଯେବେ ଏହା ଆଲୁମିନିୟମରେ ରୂପାନ୍ତରିତ ହେଉଛି। କିନ୍ତୁ ଏହା ଯେବେ ପାହାଡରେ ରହୁଛି ସେତେବେଳେ ଚିରସ୍ରୋତା ଝରଣାର ସ୍ରଷ୍ଟା କାରଣରୁ ଏହା ବ୍ୟବହାରରେ ଆସୁଛି ଅନେକ ମଣିଷଙ୍କର ଅନେକ ଜୀବଜନ୍ତୁଙ୍କର। ଏହା ଅନେକ ଜୀବନକୁ ବଞ୍ଚାଇପାରୁଛି।

ବିଡମ୍ବନା ହେଲା ଯେ ବିକାଶର ଅର୍ଥ କେତେ ଜୀବନ ନିର୍ଭରଶୀଳ ହେଉଛନ୍ତି ତାହା ଆଧାରରେ ସ୍ଥିର ହେଉନାହିଁ, ବରଂ ଏହା କେତେ ଅର୍ଥ ପୁଞ୍ଜିପତିଙ୍କ ଲାଗି ରୋଜଗାର କରାଇପାରୁଛି ତାହା ଉପରେ ନିର୍ଭର କରୁଛି। ଚାହେଁ ସେହି ବିକାଶ ପଦ୍ଧତି ମରୁଭୁମିର ସୃଷ୍ଟିରୁ ହେଉ କି କୌଣସି ଏକ ଗଣହତ୍ୟା ସଂଗଠିତ କରି ହେଉ ତାହା ପ୍ରତି କେହି ଧ୍ୟାନ ଦେଉନଥାନ୍ତି। ଯଦି ସତରେ ବକ୍ସାଇଟ ଅବ୍ୟବହୃତ ହୋଇରହିଥାନ୍ତା ତେବେ ସ୍ଥାନୀୟ ଅଧିବାସୀ ସରକାରୀ ଦମନ, ଜେଲ, ଗୁଳିକାଣ୍ଡ, ଲାଠିଚାର୍ଜ, ମିଥ୍ୟା କେସ, ଗିରଫ ସତ୍ତ୍ୱେ ଏହାର ଉତ୍ତୋଳନକୁ ବିରୋଧ କରୁନଥାନ୍ତେ।

ସେହି ସମସ୍ତ ବକ୍ସାଇଟ ପାହାଡ ଯଦି ସତରେ ବିକାଶର ନାମରେ ଖୋଳାଯାଏ ତେବେ ଏ ପୃଥିବୀ ଧ୍ୱଂସ ହେବା ଲାଗି ବେଶୀ ଦିନ ବାକି ରହିବ ନାହିଁ। ବକ୍ସାଇଟ ଅବ୍ୟବହୃତ ହୋଇ ରହିଛି ବୋଲି କୋରାପୁଟ ଓ ଏହାର ବିରାଟ ନିକଟବର୍ତ୍ତୀ ଅଂଶ ଆଜି ବଞ୍ଚିକରି ରହିଛି। ଏହା ପାହାଡରେ ଗଚ୍ଛିତ ରହିବା ହିଁ ଏହାର ଆର୍ଥିକ, ସାମାଜିକ ଓ ପ୍ରାକୃତିକ ଅବଦାନ। ଲୋକଙ୍କ ଜୀବନ ଜୀବିକା ଓ ପରିବେଶର ସୁରକ୍ଷା ଲାଗି ବକ୍ସାଇଟ ପାହଡରେ ନିହାତି ଗଚ୍ଛିତ ହୋଇ ରହିବା ଆବଶ୍ୟକ।

*ମୋବାଇଲ : ୮୪୫୬୯୩୧୪୨୩*

# ଗଜଲକ୍ଷ୍ମୀ ପୂଜା ପୂର୍ବରୁ ସହରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ଢେଙ୍କାନାଳ (ଭିଓଭି) :** ଢେଙ୍କାନାଳ ସହରରେ ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଏବଂ ସହରରେ ଆଇନଶୃଙ୍ଖଳା ରକ୍ଷା ସହ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷାବୋଧ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ଢେଙ୍କାନାଳ ପୁଲିସ ପକ୍ଷରୁ ଏକ ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ଅଜିଙ୍କ୍ୟ ବାବୁରାଓ ମାନେଙ୍କ ନେତୃତ୍ୱରେ ଆୟୋଜିତ ଏହି ଫ୍ଲାଗମାର୍ଚ୍ଚରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ପୂଜା ପାଇଁ ନିୟୋଜିତ ପୁଲିସ ବଳ ଅଂଶଗ୍ରହଣ କରିଥିଲେ। ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍‌ରୁ ଆରମ୍ଭ ହୋଇଥିବା ଏହି ମାର୍ଚ୍ଚ ବାଜିଚୌକ ଦେଇ ଏସ୍‌ପି କାର୍ଯ୍ୟାଳୟ ମୁଖ୍ୟାଳୟରେ ଶେଷ ହୋଇଥିଲା। ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ଶ୍ରୀ ମାନେ କହିଥିଲେ ଯେ ଗଜଲକ୍ଷ୍ମୀ ପୂଜା ଢେଙ୍କାନାଳର ସମସ୍ତଙ୍କର ପର୍ବ। ଏହାକୁ ସଫଳ ଓ ଶୃଙ୍ଖଳିତ କରିବାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ରହିଛି। ତେଣୁ ଆଇନଶୃଙ୍ଖଳା ରକ୍ଷା ଦିଗରେ ପୁଲିସକୁ ସହଯୋଗ କରିବା ସହ ପୂଜାକୁ ସମସ୍ତଙ୍କ ପାଇଁ ସୁରକ୍ଷିତ କରିବା ନିମନ୍ତେ ସେ ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ। ପୂଜା ସମୟରେ ମୋଟ ୨୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ। ସୁରକ୍ଷା ବ୍ୟବସ୍ଥାର ସୁପରିଚାଳନା ପାଇଁ ୧୮ଟି ଆଉଟପୋଷ୍ଟ ସ୍ଥାପନ କରାଯାଇଛି। ସହରରେ ଚୋରି, ନିଶାଦ୍ରବ୍ୟ କାରବାର ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଛି। ପ୍ରମୁଖ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ନଜର ରଖାଯିବ।

ପ୍ରତ୍ୟେକ ପୂଜା ମଣ୍ଡପରେ ପୁଲିସ କର୍ମଚାରୀ ନିୟୋଜିତ ରହିବେ। ରୁପା ଅଳଙ୍କାରରେ ସଜ୍ଜିତ ମେଢ଼ଗୁଡ଼ିକର ସୁରକ୍ଷା ପାଇଁ ସଶସ୍ତ୍ର ପୁଲିସ ମୁତୟନର ବ୍ୟବସ୍ଥା ହୋଇଛି। ପୂଜା ସମୟରେ ଭିଡ଼ର ସୁଯୋଗ ନେଇ ସୁନାଚେନ୍ ଲୁଟ୍ ଭଳି ଘଟଣା ରୋକିବା ପାଇଁ ସାଧା ପୋଷାକରେ ସ୍ୱତନ୍ତ୍ର ପୁଲିସ ଟିମ୍ ମୁତୟନ ରହିବେ। ପୂଜା ସମୟରେ ସହରକୁ ଆସୁଥିବା ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଯାନବାହନ ଚଳାଚଳ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା ଓ ପାର୍କିଂ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଉପରେ ପୁଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ପାଳନ କରିବା ଦିଗରେ ଢେଙ୍କାନାଳ ପୁଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ଗ୍ରହଣ କରାଯାଇଛି।

# ବାଣ ଉପରେ କଟକଣା

## ଗ୍ରୀନ୍ କ୍ରାକର୍ସକୁ ଗୁରୁତ୍ୱ

**ଭଦ୍ରକ (ଭିଓଭି) :** ଆସନ୍ତା କାଳୀପୂଜା ଓ ଦୀପାବଳି ଅବସରରେ ଭଦ୍ରକ ସହର ତଥା ଜିଲ୍ଲାର ଗ୍ରାମାଞ୍ଚଳରେ ଅସ୍ଥାୟୀ ଆତସବାଜି ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ ଓ ବିକ୍ରି ସ୍ଥାନ ନିର୍ଦ୍ଧାରଣ ନିମନ୍ତେ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଏକ ପ୍ରାକ୍‌ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗ୍ରୀନ୍ କ୍ରାକର୍ସ ବିକ୍ରି, ଅଗ୍ନିନିରାପତ୍ତା ଓ ନିର୍ଦ୍ଧାରିତ ସ୍ଥାନରେ ସୁରକ୍ଷିତ ବାଣ ବିକ୍ରି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା ସଂସ୍ଥା) ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର (ବିଚାର) କାର୍ତ୍ତିକ ନାଥ ମଣ୍ଡଳଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶ୍ରୀ ମଣ୍ଡଳ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଆଲୋଚନା ପରେ ଜିଲ୍ଲାରେ ଥିବା ସମସ୍ତ ଅସ୍ଥାୟୀ ଆତସବାଜି ଦୋକାନରେ କେବଳ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହ୍ରାସ କରିବା ସହ ପର୍ବପର୍ବାଣୀକୁ ଅଧିକ ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ଦୋକାନୀମାନେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବା ସହ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବେ। ନିଷ୍ପତ୍ତି ଅନୁଯାୟୀ, ଅସ୍ଥାୟୀ ଆତସବାଜି ଦୋକାନଗୁଡ଼ିକ ୨ ନଭେମ୍ବର ୨୦୨୬ ଠାରୁ ୭ ନଭେମ୍ବର ୨୦୨୬ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହି ବାଣ ବିକ୍ରି କରିପାରିବେ। ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତିପତ୍ର ନେବା ବାଧ୍ୟତାମୂଳକ ରହିଛି। ବାଣ ଦୋକାନ ପାଇଁ ସୁରକ୍ଷିତ ସ୍ଥାନ ଚିହ୍ନଟ ନିମନ୍ତେ ସମ୍ପୃକ୍ତ ତହସିଲଦାର, ଅଗ୍ନିଶମ ଅଧିକାରୀ ଓ ଥାନାଧିକାରୀଙ୍କୁ ନେଇ ମିଳିତ ଭାବେ ସ୍ଥାନ ନିର୍ଦ୍ଧାରଣ କରାଯିବ। ଗ୍ରାମାଞ୍ଚଳରେ ଏହି ଅଧିକାରୀମାନେ ମିଳିତ ଭାବେ ଯାଞ୍ଚ କରି ଇଚ୍ଛୁକ ଦୋକାନୀମାନଙ୍କୁ ଆବଶ୍ୟକ ଅନାପତ୍ତି ପ୍ରମାଣପତ୍ର ପ୍ରଦାନ କରିବା ସହ ସରକାରୀ ଦେୟ ଆଦାୟ କରିବେ। ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳରେ ଏହି ପ୍ରକ୍ରିୟାରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ସାମିଲ ହେବେ। ଭଦ୍ରକ ପୌରାଞ୍ଚଳରେ ଅସ୍ଥାୟୀ ବାଣ ଦୋକାନ ପାଇଁ ଦୁଇଟି ସ୍ଥାନ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ଆରଏମ୍‌ସି ପଡ଼ିଆ ଓ ସାଳନ୍ଦୀ ନଦୀ ପଠା। ପ୍ରଶାସନ ପକ୍ଷରୁ ସମସ୍ତ ଅସ୍ଥାୟୀ ବାଣ ଦୋକାନୀଙ୍କୁ ସରକାରୀ ନିୟମାବଳୀ, ଅଗ୍ନିନିରାପତ୍ତା ନିୟମ ଓ ଅନୁମତି ସର୍ତ୍ତାବଳୀ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ନିୟମ ଉଲ୍ଲଂଘନ କଲେ ଯେକୌଣସି ସମୟରେ ଦୋକାନ ସିଲ୍ କରାଯିବା ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ।

# ବିରାଜିଲେ ଧନଦାତ୍ରୀ ମା’ ଗଜଲକ୍ଷ୍ମୀ

**ପୁରୀ (ଭିଓଭି) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଞ୍ଚାୟତ ଅଧୀନ ବାଲିପନ୍ତାଳ ଗ୍ରାମ ଏବେ ମା’ ଗଜଲକ୍ଷ୍ମୀଙ୍କ ଆରାଧନାରେ ସମ୍ପୂର୍ଣ୍ଣ ଉତ୍ସବମୁଖର ହୋଇଉଠିଛି। ଚଳିତ ବର୍ଷ ଏଠାକାର ଐତିହ୍ୟ ପ୍ରସିଦ୍ଧ ମା’ ଗଜଲକ୍ଷ୍ମୀ ପୂଜା ୫୩ ତମ ବର୍ଷରେ ପଦାର୍ପଣ କରିଛି। ୧୯୭୩ ମସିହାରୁ ଆରମ୍ଭ ହୋଇଥିବା ଏହି ପୂଜା ଏବେ କେବଳ ବାଲିପନ୍ତାଳ ନୁହେଁ ସମଗ୍ର ଅସ୍ତରଙ୍ଗ, କାକଟପୁର, କୋଣାର୍କ ଓ ପୁରୀ ଅଞ୍ଚଳର ଏକ ପ୍ରମୁଖ ଧାର୍ମିକ ପର୍ବ ପାଲଟିଛି। ଧନଦାତ୍ରୀ ମା’ ଗଜଲକ୍ଷ୍ମୀ ମଣ୍ଡପରେ ଧରାବତରଣ କରିବା ପରେ ସାରା ଗାଁ ଭକ୍ତିମୟ ପରିବେଶରେ ଝୁମୁଛି। ମା’ଙ୍କ ଦର୍ଶନ ପାଇଁ ଦୂର ଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁ ପ୍ରତିଦିନ ଆସୁଛନ୍ତି। ମା’ଙ୍କ କୃପାରୁ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଗତ ଶୁକ୍ରବାର ଅପରାହ୍ନରେ ପୂଜା କମିଟି ପକ୍ଷରୁ ପବିତ୍ର ଦେବୀ ନଦୀରୁ ବୈଦିକ ମନ୍ତ୍ରୋଚ୍ଚାରଣ ସହ ପବିତ୍ର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ଓ ଝିଅମାନେ କଳସ ଧରି ଢୋଲ ମୃଦଙ୍ଗ ଶଙ୍ଖ ହୁଳହୁଳି ସହ ଗ୍ରାମ ପରିକ୍ରମା କରିଥିଲେ। ପରେ ମଣ୍ଡପରେ ଅଧିବାସ, ପ୍ରାଣ ପ୍ରତିଷ୍ଠା, ହୋମଯଜ୍ଞ, ଓ ମହାଆଳତି ଅନୁଷ୍ଠିତ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ପଣ୍ଡିତମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ କରାଯାଉଛି। କର୍ତ୍ତା ଭାବେ ଶବର ବେହେରା ଓ ବୀଣା ବେହେରା ରହିଛନ୍ତି। ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ବିଶାଳ ତୋରଣ। ବାହାର କାରିଗର ନୁହେଁ, ନିଜେ ପୂଜା କମିଟି ସଦସ୍ୟମାନେ ଏକ ମାସ ଦିନରାତି ଅକ୍ଲାନ୍ତ ପରିଶ୍ରମ କରି ୬୦ ଫୁଟ ଉଚ୍ଚ ଓ ୪୦ ଫୁଟ ଲମ୍ବର ତୋରଣ ନିର୍ମାଣ କରିଛନ୍ତି। ଏହା ସହ ରଙ୍ଗୀନ ଆଲୋକମାଳା ଓ ସାଜସଜ୍ଜା କରାଯାଇଛି। ସନ୍ଧ୍ୟା ହେଲେ ମଣ୍ଡପ ଝଲସି ଉଠୁଛି ଓ ଶତାଧିକ ଲୋକଙ୍କ ଭିଡ ଜମୁଛି। ଏହି ଉତ୍ସବର ପ୍ରକୃତ ନାୟକ ହେଉଛନ୍ତି ପୂଜା କମିଟିର ସମସ୍ତ ସଦସ୍ୟ। ସେମାନଙ୍କ ନିସ୍ୱାର୍ଥ ସେବା ଓ ଏକତା ସତରେ ପ୍ରଶଂସନୀୟ। ସଭାପତି ଉଲ୍ଲାସ ବେହେରାଙ୍କ ଦକ୍ଷ ନେତୃତ୍ୱରେ କେଦାର ବେହେରା, କବିନ୍ଦ୍ର, ଦେବେନ୍ଦ୍ର, କାଳନ୍ଦୀ, ତୋଫାନ, ଶ୍ରୀକ୍ଷେତ୍ର, ରଞ୍ଜନ, ସଞ୍ଜୟ, ଆଶିଷ, ଲକ୍ଷ୍ମୀଧର, କୃଷ୍ଣଚନ୍ଦ୍ର ଓ ସମସ୍ତ ଯୁବ ସଦସ୍ୟ ନିଜ କାମ ଛାଡି ଦିନରାତି ପରିଶ୍ରମ କରିଛନ୍ତି। କେହି ବାଉଁଶ ବାନ୍ଧିଛନ୍ତି କେହି ରଙ୍ଗ ଦେଇଛନ୍ତି କେହି ଆଲୋକ ସଜାଇଛନ୍ତି। ସେମାନଙ୍କ ଭକ୍ତି ଓ ଗ୍ରାମ ଏକତା ପାଇଁ ଆଜି ବାଲିପନ୍ତାଳ ପୂଜା ଏତେ ଆକର୍ଷଣୀୟ। ସେମାନଙ୍କ ସେବା ପ୍ରେରଣାଦାୟକ। ଗ୍ରାମବାସୀଙ୍କ ସହଯୋଗ ମଧ୍ୟ ପ୍ରଶଂସନୀୟ। ଏହି ଏକତା ପାଇଁ ପୂଜା ସଫଳ ହୋଇଛି। ଏହା ଗାଁର ଗୌରବ। ରବିବାର ସୂର୍ଯ୍ୟପୂଜା, ଗୋ-ପୂଜା ଓ ପୂର୍ଣ୍ଣାହୁତି ହେବ। ସନ୍ଧ୍ୟାରେ କୁନି ପ୍ରତିଭାଙ୍କ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ନିଜ ପରମ୍ପରାକୁ ବଜାୟ ରଖିଥିବାରୁ ଚାରିଆଡେ ପ୍ରଶଂସା ମିଳୁଛି। ମା’ଙ୍କ କୃପା ସମସ୍ତଙ୍କ ଉପରେ ରହୁ। ଏହି ପୂଜା ବର୍ଷ ବର୍ଷ ଚାଲୁ ଓ ଗାଁର ବିକାଶ ହେଉ। ଏହି ବାଲିପନ୍ତାଳ ଗଜଲକ୍ଷ୍ମୀ ପୂଜା ସାରା ଜିଲ୍ଲାରେ ପ୍ରସିଦ୍ଧ ଲାଭ କରିଛି।



ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

ସବିଶେଷ ଯୋଗାଯୋଗ :
ମୋବାଇଲ୍ : ୯୦୯୦୨୨୫୩୫୩
Email:
voiceofvictim2019@gmail.com
voiceofvictimsnews@gmail.com
Website :
https://voiceofvictims.co.in
E-Paper :
voiceofvictimsepaper.in

# ଦିବ୍ୟାଙ୍ଗଙ୍କ ପାଇଁ ଶ୍ରୀମନ୍ଦିରରେ ହେବ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

**ପୁରୀ (ଭିଓଭି) :** ମହାପ୍ରଭୁଙ୍କ ସୁଗମ ଦର୍ଶନ ନେଇ ଦିବ୍ୟାଙ୍ଗଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା। ସ୍ୱତନ୍ତ୍ର ୱେବସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ସ୍ଲଟ୍ ବୁକିଂ ପରେ ଏହି ସୁବିଧା ଉପଲବ୍ଧ ହେବ। ଦୈନିକ ୨୦ ଜଣଙ୍କୁ ଦର୍ଶନ କରାଇବାର ବ୍ୟବସ୍ଥା କରାଯିବ। ଜଣେ ଦିବ୍ୟାଙ୍ଗ ୬ ମାସ ମଧ୍ୟରେ ଥରେ ଏହି ସ୍ୱତନ୍ତ୍ର ସୁବିଧାର ସୁଯୋଗ ନେଇପାରିବେ। ପ୍ରାଥମିକ ପର୍ଯ୍ୟାୟରେ ଏହା ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ। ଆପାତତଃ କାର୍ତ୍ତିକ ମାସ ପରେ ଏହି ବ୍ୟବସ୍ଥା କରାଯିବ ବୋଲି ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଦିବ୍ୟାଙ୍ଗ ଭକ୍ତମାନେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପରେ ତାଙ୍କୁ ସୁନିଶ୍ଚିତ ହେଲା ବୋଲି ବାର୍ତ୍ତା ପଠାଯିବ। ଦିଆଯାଇଥିବା ନିର୍ଦ୍ଦିଷ୍ଟ ଦିନରେ ଦିବ୍ୟାଙ୍ଗ ଭକ୍ତ ପୁରୀରେ ପହଞ୍ଚିବେ। ସତ୍ୟନାରାୟଣ ମନ୍ଦିର ନିକଟରୁ ତାଙ୍କ ପାଇଁ ଶ୍ରୀମନ୍ଦିର ଭିତରକୁ ଯିବାର ବ୍ୟବସ୍ଥା କରାଯିବ। ସେଠାରୁ ସେମାନଙ୍କୁ ବ୍ୟାଟେରି ଚାଳିତ ଗାଡ଼ିରେ ଉତ୍ତର ଦ୍ୱାର ପର୍ଯ୍ୟନ୍ତ ନିଆଯିବ। ଉତ୍ତର ଦ୍ୱାର ପାର୍ଶ୍ୱରେ ରାମ୍ପ ବ୍ୟବସ୍ଥା ଥିବାରୁ ହ୍ୱିଲ୍ ଚେୟାର ଯୋଗେ ଭିତରକୁ ପ୍ରବେଶ କରିବେ।

# ଉଠୁଛି ପଡୁଛି ବିଜେପି ବିବାଦ





**ରଣପୁର (ଭିଓଭି) :** ସାଂସଦ ଓ ବିଧାୟିକା ନିର୍ବାଚନ ମଣ୍ଡଳୀର ଅନେକ ଭିତ୍ତି ପ୍ରସ୍ତର ସ୍ଥାପନ, ପୂଜା ପାର୍ବଣ ଉତ୍ସବରେ ଏକାଠି ଦେଖାଯାଉଥିବା ବେଳେ ଦଳର ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଉଭୟ ଗୋଷ୍ଠୀଙ୍କ ଭିତରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ରଣପୁର ବିଜେପିର ଦୟନୀୟ ସ୍ଥିତି ଦେଖାଯିବା ସଙ୍ଗେ ସଙ୍ଗେ ଗାଆଁ ଗାଆଁରେ ବିକାଶ ବାଧାପ୍ରାପ୍ତ ହେବାରେ ଲାଗିଛି। ସଦ୍ୟ ସମାପ୍ତ ହୋଇଥିବା କଲେଜ ନିର୍ବାଚନରେ ମଧ୍ୟ ତାହାର ପ୍ରତିଫଳନ ଦେଖିବାକୁ ମିଳିଛି।

ରଣପୁର ନିର୍ବାଚନ ମଣ୍ଡଳୀର ଦୁଇ ସର୍ବପୁରାତନ କଲେଜ ହେଲା ରଣପୁର ଓ ରାଜ-ସୁନାଖଳା ମହା-ବିଦ୍ୟାଳୟ। ଉଭୟ ପୁରାତନ କଲେଜର ଛାତ୍ର ସଂସଦ ନିର୍ବାଚନରେ ସ୍ଥାନୀୟ ବିଧାୟିକା ତାଙ୍କ ଦଳ ସମର୍ଥିତ ଏବିଭିପି ପାର୍ଥୀ ମାନଙ୍କ ଜିତିବା ପାଇଁ ନିଜର ଯୁବ ପ୍ରତିନିଧି ତଥା ଗୋପାଳପୁର ଜୋନର ଜିଲ୍ଲା ପରିଷଦ ସଭ୍ୟା ଙ୍କ ସ୍ୱାମୀ ଅଭିଷେକ ସାମନ୍ତରାୟଙ୍କୁ ଦାୟିତ୍ୱ ଦେଇଥିଲେ। ସେ ମଧ୍ୟ ଅକ୍ଲାନ୍ତ ପରିଶ୍ରମ ସହିତ ଦିନରାତି ଏକ କରି ପାର୍ଥୀମାନେ କେମିତି ନିର୍ବାଚନ ଜିତିବେ ସେଥିପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ଶେଷରେ ନିର୍ବାଚନ ପରିଚାଳନାଗତ ତୃଟି, ରଣକୌଶଳ ଅଭାବ, ପାର୍ଥୀ ଚୟନ ଜନିତ ଭୁଲ୍ ନିଷ୍ପତ୍ତି, ସାଂସଦ ଗୋଷ୍ଠୀ ଓ ବିଧାୟିକାଙ୍କ ଗୋଷ୍ଠୀର କିଛି ବରିଷ୍ଠ ସଦସ୍ୟ ମାନଙ୍କୁ ଉପେକ୍ଷା କାରଣରୁ ଏବିଭିପି ପାର୍ଥୀ ମାନେ ପରାଜୟ ବରଣ କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟ ଯେ ଜିଲ୍ଲା ବିଜେପି ସଭାପତି ତାପସ ମାର୍ଥା ଜଣେ ଯୁବ ଚେହେରା ହୋଇ ମଧ୍ୟ ସେ ରଣପୁର ନିର୍ବାଚନ ମଣ୍ଡଳୀ ଛାତ୍ର ସଂସଦ ନିର୍ବାଚନରେ ଏବିଭିପିର ପ୍ରତିନିଧି ମାନଙ୍କୁ କୌଣସି ପ୍ରକାର ସହଯୋଗ କରିନଥିଲେ। ରଣପୁର କଲେଜ ନିର୍ବାଚନ ପାର୍ଥୀ ଚୟନ ଜନିତ ତ୍ରୁଟି କଥା ଆଲୋଚନା କରିବାକୁ ଯାଇ ଜଣେ ଛାତ୍ର ନିଜ ନାମ ଗୋପନ ରଖି କହିଛନ୍ତି ଯେ କଲେଜରେ ୬୦୦ରୁ ଊର୍ଦ୍ଧ୍ୱ ଅଣ-ବିଜ୍ଞାନ ଛାତ୍ରଛାତ୍ରୀ ଥିବାବେଳେ ଜଣେ ବିଜ୍ଞାନ ବିଭାଗର ଛାତ୍ରୀଙ୍କୁ ସଭାପତି ପାର୍ଥୀ କରାଗଲା, ଯେଉଁ ବିଭାଗରେ ୧୦୦ରୁ କମ୍ ଭୋଟର ଥିଲେ। ଏହି ପରାଜୟକୁ ସେ ପାର୍ଥୀ ଚୟନ ଜନିତ ତ୍ରୁଟି ବୋଲି ପ୍ରକାଶ କରିଥିଲେ। ଦ୍ୱିତୀୟ କାରଣ ନିର୍ବାଚନ ପରିଚାଳନା ଭାର ସମ୍ଭାଳୁଥିବା ଅଭିଷେକ ଓ ସଭାପତି ପାର୍ଥୀ ହୋଇଥିବା ଗୋପାଳପୁର ଅଞ୍ଚଳର ଛାତ୍ରୀ ନିଜ ଅଞ୍ଚଳର ଭୋଟ ମଧ୍ୟ ହାତେଇ ପାରିଲେ ନାହିଁ। ତୃତୀୟ ଓ ବଡ କାରଣ ହେଲା ନିର୍ବାଚନ ପରିଚାଳନା ଭାର ସମ୍ଭାଳୁଥିବା ଅଭିଷେକ ଜଣେ ଉଚ୍ଚ ଶିକ୍ଷିତ ଯୁବକ ସହିତ କର୍ମଠ କର୍ମୀ ହେଲେ ମଧ୍ୟ ବୟସ ଦୃଷ୍ଟିରୁ ସେ ହେଉଛନ୍ତି ଦଳ ପାଇଁ ଜଣେ କନିଷ୍ଠ ସଦସ୍ୟ। ଦୀର୍ଘଦିନ ବ୍ୟବଧାନ ପରେ ଛାତ୍ର ସଂସଦ ଭଳି ଏକ ବଡ଼ ନିର୍ବାଚନର ପରିଚାଳନା ଭାର ବିଧାୟିକା ଜଣେ କନିଷ୍ଠ ସଦସ୍ୟଙ୍କୁ ଦେଇଥିବାରୁ କିଛି ବରିଷ୍ଠ ମଧ୍ୟ ଅସନ୍ତୁଷ୍ଟ ହୋଇଥିଲେ। ପୁରୁଣା ବରିଷ୍ଠ ନେତାମାନଙ୍କ ସହଯୋଗ କାମନା ନକରିବାରୁ ସେମାନେ ମଧ୍ୟ ନୀରବ ରହିବା ସଙ୍ଗେ ସଙ୍ଗେ ସହଯୋଗ କରିନଥିଲେ। ଅନ୍ୟପଟେ ସ୍ଥାନୀୟ ଏମ୍‌ପିଙ୍କ ଗୋଷ୍ଠୀ ମଧ୍ୟ ଏକ ପ୍ରକାର ନୀରବ ରହି ଯାଇଥିଲେ। ଯାହାର ଫଳ ସ୍ୱରୂପ ଦୁଇଟି କଲେଜରେ ବିଜେପି ଦଳୀୟ ସମର୍ଥିତ ପାର୍ଥୀମାନେ ହାରି ଯାଇଥିଲେ। ଅନ୍ୟପଟେ ଯୁବ ବିଜେଡି ପାର୍ଥୀ ମାନଙ୍କୁ ଜିତାଇବା ପାଇଁ ଦଳୀୟ ଯୁବ ନେତା ପ୍ରଫୁଲ୍ଲ ନାୟକ ସମସ୍ତ ଜେନ-ଜିମାନଙ୍କୁ ସାଥିରେ ଧରି ରଣ କୌଶଳ ପ୍ରସ୍ତୁତ କରିଥିଲେ ଓ ଜିତିବା ପାଇଁ ସମର୍ଥ ହୋଇଥିଲେ। ରାଜନୈତିକ ସମୀକ୍ଷକମାନଙ୍କ ମତରେ ଆଗକୁ ଶାସକ ଦଳ ବିଜେପି ଯଦି ଏହିଭଳି ଭାବରେ ନିଜ ନିଜ ଭିତରେ ଗୋଡ ଟଣାଟଣି ଜାରି ରଖିବେ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ପରାଜୟର ମୁହଁ ଦେଖିବାକୁ ପଡ଼ିବ।



# ରଣପୁର ପ୍ରେସ୍ କ୍ଲବରେ ଶାରଦୀୟ ଭେଟ୍‌ଘାଟ୍ ଓ ସମ୍ବର୍ଦ୍ଧନା ଉତ୍ସବ

**ରଣପୁର (ଭିଓଭି) :** ସତ୍ୟ, ନିରପେକ୍ଷତା ଓ ଜନସ୍ୱାର୍ଥକୁ ପାଥେୟ କରି ରଣପୁରର ବିକାଶ ଦିଗରେ ସାମ୍ବାଦିକତାର ଭୂମିକାକୁ ଆହୁରି ସୁଦୃଢ଼ କରିବାର ଆହ୍ୱାନ ସହ ରଣପୁର ପ୍ରେସ୍ କ୍ଲବ ପରିସରରେ ଶାରଦୀୟ ଭେଟଘାଟ ଓ ସମ୍ବର୍ଦ୍ଧନା ଉତ୍ସବ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨୩ ତାରିଖ ବିଳମ୍ବିତ ସନ୍ଧ୍ୟାରେ ପ୍ରେସ୍ କ୍ଲବର ନିଜସ୍ୱ ଗୃହରେ ଆୟୋଜିତ ଏହି ଉତ୍ସବରେ ସାମ୍ବାଦିକ, ଅତିଥି ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଭାଇଚାରା ଓ ସୌହାର୍ଦ୍ଦ୍ୟର ନିଆରା ପରିବେଶ ସୃଷ୍ଟି ହୋଇଥିଲା।

ଏହି ଅବସରରେ ରଣପୁର ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ଆଚାର୍ଯ୍ୟ ବିଶ୍ୱରଞ୍ଜନ ପୁନର୍ବାର ସର୍ବସମ୍ମତିକ୍ରମେ ନୟାଗଡ଼ ଜିଲ୍ଲା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟର ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କର ସାଂଗଠନିକ ଦକ୍ଷତା, ଅଭିଜ୍ଞତା ଓ ସାମ୍ବାଦିକଙ୍କ ପ୍ରତି ଆନ୍ତରିକତାକୁ ଉପସ୍ଥିତ ଅତିଥି ଓ ସଦସ୍ୟମାନେ ପ୍ରଶଂସା କରିଥିଲେ।

ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ସ୍ୱରାଜ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ରଣପୁର ବାର୍ ଆସୋସିଏସନର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ସତ୍ୟରଞ୍ଜନ ମଣ୍ଡା ଯୋଗଦେଇଥିଲେ। ପ୍ରେସ୍ କ୍ଲବର ସଭାପତି ସୁକାନ୍ତ ପଟ୍ଟନାୟକ, ସମ୍ପାଦକ ବ୍ରଜ ରଣସିଂ, ଉପଦେଷ୍ଟା ରମେଶ ଚନ୍ଦ୍ର ପ୍ରଧାନ, ଉପସଭାପତି ରଘୁନାଥ ନାୟକଙ୍କ ସମେତ ଉମେଶ ରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ଦାଶ, ଚନ୍ଦ୍ରଭାନୁ ପରିଡ଼ା, ସୁଶୀଲ ରଣା ଓ ପ୍ରଭାତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ରଣପୁର ପ୍ରେସ୍ କ୍ଲବର ପ୍ରତିଷ୍ଠାତା ସଦସ୍ୟ ଆଚାର୍ଯ୍ୟ ବିଶ୍ୱରଞ୍ଜନଙ୍କ ବ୍ୟକ୍ତିତ୍ୱ, ବରିଷ୍ଠଙ୍କ ପ୍ରତି ସମ୍ମାନ ଏବଂ କନିଷ୍ଠଙ୍କ ପ୍ରତି ସ୍ନେହ ଓ ଆଦର ତାଙ୍କୁ ଜଣେ ଉତ୍ତମ ସଂଗଠକ ଭାବେ ପରିଚିତ କରାଇଛି ବୋଲି ଅତିଥି ଓ ସଦସ୍ୟମାନେ ନିଜ ନିଜ ଅଭିଭାଷଣରେ ମତ ପ୍ରକାଶ କରିଥିଲେ।

ସାମ୍ବାଦିକତା କେବଳ ଖବର ପରିବେଷଣରେ ସୀମିତ ନୁହେଁ, ବରଂ ଏହା ସମାଜର ଦୁର୍ବଳ ବର୍ଗଙ୍କ ସ୍ୱରକୁ ଶାଣିତ କରିବା, ଅନ୍ୟାୟ ବିରୋଧରେ ଜନମତ ସୃଷ୍ଟି କରିବା ଓ ଅଞ୍ଚଳର ସାମଗ୍ରିକ ବିକାଶକୁ ଦିଗ୍‌ଦର୍ଶନ ଦେବାର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ରଣପୁରର ଜନସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟ ଓ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ଖବରକୁ ନିର୍ଭୀକ ଓ ନିରପେକ୍ଷ ଭାବେ ପ୍ରକାଶ କରି ଏକ ସୁନ୍ଦର ଓ ସମୃଦ୍ଧ ରଣପୁର ଗଠନରେ ସହଯୋଗ କରିବାକୁ ଉପସ୍ଥିତ ସାମ୍ବାଦିକମାନେ ସଂକଳ୍ପବଦ୍ଧ ହୋଇଥିଲେ। ଶାରଦୀୟ ଭେଟଘାଟର ଏହି ମିଳନ ଉତ୍ସବ ସାମ୍ବାଦିକମାନଙ୍କ ମଧ୍ୟରେ ଏକତା, ସହଯୋଗ ଓ ସାଂଗଠନିକ ସମ୍ପର୍କକୁ ଆହୁରି ମଜବୁତ କରିବା ସହ ରଣପୁରର ଉନ୍ନତି ପାଇଁ ନୂତନ ଉତ୍ସାହ ଓ ପ୍ରେରଣା ଯୋଗାଇଛି।



## ଆଚାର୍ଯ୍ୟ ବିଶ୍ୱରଞ୍ଜନଙ୍କୁ ଭବ୍ୟ ସମ୍ବର୍ଦ୍ଧନା

### ରଣପୁର ବିକାଶ ପାଇଁ କଲମ ଚାଳନାର ସଂକଳ୍ପ

# CHALLENGES FACED BY WOMEN EXPERIENCING MARITAL RAPE



Dhaneswari Patra

Marriage is one of the ancient and widely recognised social systems in India. Simply marriage is an enduring relationship between two adults, which is builds on love, faith, and life time commitment. But our society has a common myth that marriage gives the sexual right to the husband without any consent of the wife. However, consent plays a very significant role in any relationship, mainly in sexual relationships, it does not matter whether the two adults are married or unmarried.

Marital rape means copulation (sexual intercourse) by a husband with his wife without her consent. it is widely accepted as illegal or criminal offence in manycountries. However, in our country, the legal standard is different. In India, sexual intercourse by a husband with his wife is not considered as rape. Because of this woman often face many serious challenges like anxiety, depression, unwanted pregnancy and loss of self-confidence.Another major difficulty is Economic dependence, if a woman financially depends on her husband the she worried about what will happen after she speaks out. The financial dependence can make difficult situation foe women to make life choices on their own. Family pressure on women can further stop women to seeking help, parents and relatives advise to adjust and forgive her husband. Due to such pressure women tolerate abuse and compromised their dignity. As a result, many victims can't get justice, even after nonconsensual sexual intercourse. Although other remedies such as legal rule related to domestic violence available but this does not give full protection as the offence of rape.

To address and solve these challenges, there shouldbe proper support for women and they also need access to legal assistance and greater awareness for their rights. Ultimately our society must understand consent is very crucial in every relationship especially in marriage. It must also recognise that marriage does not remove a women's right to bodily autonomy and consent. Education institutions and communities play a crucial role in spreading awareness about equality and healthy relationship within marriage.

In conclusion Marital rape is not simply a private matter between couples, it is an issue of equality, Consent and human rights. Marriage does not remove a woman right to control her own body. To ending these problems, we need to change our traditional attitude and legal awareness. Every woman deserves respect, safety, and freedom from force, including with in marriage.

E-mail: patradhaneswari8@gmail.com

# ଜହ୍ନ ଜୋଛନାରେ ଓଡ଼ିଆ ସଂସ୍କୃତିର ମହକ



ମୌସୁମୀ ଶୁକ୍ଲା ଦୀକ୍ଷିତ

"କୁମାର ପୁନେଇଁ ଜହ୍ନ ଗୋ, ଫୁଲ ବଉଳ ବେଣୀ", ଏହି ମଧୁର ଲୋକଗୀତର ସ୍ୱର ଶୁଣିଲେ ଆଖି ଆଗରେ ନାଚିଉଠେ ଶରତ ଆକାଶର ରୂପେଲି ଜହ୍ନ, ରଙ୍ଗିନ ପୋଷାକରେ ସଜେଇ ହୋଇଥିବା ଝିଅମାନଙ୍କ ହସଭରା ମୁହଁ ଓ ପୁଚିଖେଳର ମନୋମୁଗ୍ଧକର ଦୃଶ୍ୟ। କୁମାର ପୂର୍ଣ୍ଣିମା ଖାଲି ଏକ ପର୍ବ ନୁହେଁ; ଏହା ଓଡ଼ିଆ ଜାତିର ସମୃଦ୍ଧ ଲୋକସଂସ୍କୃତି, ଆସ୍ଥା ଓ ଭାବାବେଗର ଏକ ଅନନ୍ୟ ପ୍ରତୀକ। ଆଶ୍ୱିନ ମାସର ପୂର୍ଣ୍ଣିମା ତିଥିରେ ପାଳିତ ଏହି ପର୍ବ ଶରତ ଋତୁର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି ମନୋରମ କରିଦିଏ। ନିର୍ମଳ ନୀଳ ଆକାଶ, କାଶତଣ୍ଡୀର ଧବଳ ଶୋଭା ଓ ପୂର୍ଣ୍ଣଚନ୍ଦ୍ରର ଶୀତଳ ଜ୍ୟୋସ୍ନା ପରିବେଶକୁ ଏକ ଅପୂର୍ବ ମାଧୁର୍ଯ୍ୟରେ ଭରିଦିଏ। ଲୋକବିଶ୍ୱାସ ଅନୁସାରେ, ଦେବସେନାପତି କାର୍ତ୍ତିକେୟଙ୍କ ପରି ସୁନ୍ଦର, ସାହସୀ ଓ ଗୁଣବାନ ଜୀବନସାଥୀ ପାଇବାର ଆକାଂକ୍ଷା ନେଇ ଅବିବାହିତା ଯୁବତୀମାନେ ଏହି ପର୍ବ ପାଳନ କରିଥାଆନ୍ତି। ତେଣୁ କୁମାର ପୂର୍ଣ୍ଣିମାକୁ କୁମାରୀମାନଙ୍କ ଆଶା, ଆକାଂକ୍ଷା ଓ ଆନନ୍ଦର ପର୍ବ ବୋଲି କୁହାଯାଏ। ପର୍ବର ପ୍ରମୁଖ ଆକର୍ଷଣ ହେଉଛି ସକାଳର 'ଆଞ୍ଜୁଳି ଟେକା'। ନୂତନ ବସ୍ତ୍ର ପରିଧାନ କରି ଝିଅମାନେ ଘର ଅଗଣାରେ ପୂଜାର ଆୟୋଜନ କରନ୍ତି। କୁଲାରେ ଖଇ, ଜହ୍ନିକଷି, କାକୁଡ଼ିକଷି, ଫଳମୂଳ ଓ ଅନ୍ୟାନ୍ୟ ପୂଜାସାମଗ୍ରୀ ରଖି ଉଦିତ ସୂର୍ଯ୍ୟଙ୍କୁ ଆଞ୍ଜୁଳି ଟେକିଥାଆନ୍ତି। ଏହା ଖାଲି ଏକ ପୂଜାବିଧି ନୁହେଁ, ବରଂ ଆସ୍ଥା, ଶୃଙ୍ଖଳା ଓ ଶୁଭ ଭବିଷ୍ୟତ ପାଇଁ ପ୍ରାର୍ଥନାର ଏକ ପାରମ୍ପରିକ ଅଭିବ୍ୟକ୍ତି। ସନ୍ଧ୍ୟାରେ ପୂର୍ଣ୍ଣଚନ୍ଦ୍ରଙ୍କ ଆବିର୍ଭାବ ସହିତ ପର୍ବର ଆକର୍ଷଣ ଦ୍ୱିଗୁଣିତ ହୋଇଯାଏ। ଚନ୍ଦ୍ରଦର୍ଶନ ଓ ପୂଜା ପରେ ଖଇ, ଉଖୁଡ଼ା, ଗୁଡ଼, କଦଳୀ, ଛେନା ଓ ନଡ଼ିଆ ଆଦିରେ ପ୍ରସ୍ତୁତ ସୁସ୍ୱାଦୁ 'ଚାନ୍ଦ ଚକଟା' ଭୋଗ ଅର୍ପଣ କରାଯାଏ। ପରେ ଏହାକୁ ପରିବାର ଓ ସାଙ୍ଗସାଥୀଙ୍କ ମଧ୍ୟରେ ବଣ୍ଟନ କରାଯାଏ। ଏହି ମିଳନ ଓ ଆନନ୍ଦ ହିଁ ପର୍ବର ଆତ୍ମାକୁ ଅଧିକ ଜୀବନ୍ତ କରିଥାଏ। କୁମାର ପୂର୍ଣ୍ଣିମା କହିଲେ ମନେପଡ଼େ ପୁଚିଖେଳ, ପାରମ୍ପରିକ ଲୋକଗୀତ ଓ ମିଛିମିଛିକା ବରକନ୍ୟା ବିବାହର ମନୋରମ ପରମ୍ପରା। ଗାଁ ଅଗଣା, ଖୋଲା ପଡ଼ିଆ ଓ ଗ୍ରାମଦେବତୀଙ୍କ ପୀଠ ନିକଟରେ ଝିଅମାନଙ୍କ ସମବେତ ହସ, ଗୀତ ଓ ଖେଳକୁଦ ପରିବେଶକୁ ଉତ୍ସବମୁଖର କରିଦିଏ। ଏହା ଯେ ଖାଲି ମନୋରଞ୍ଜନର ମାଧ୍ୟମ ତା ନୁହେଁ; ବନ୍ଧୁତ୍ୱ, ସହଯୋଗ ଓ ସାମୂହିକ ଜୀବନର ମଧୁର ଅନୁଭୂତିକୁ ମଧ୍ୟ ସୁଦୃଢ଼ କରେ। ଏହି ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ମଧ୍ୟ ଆଡ଼ମ୍ବର ସହକାରେ ପାଳିତ ହୁଏ। ବିଶେଷକରି ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ବହନ କରେ। ଏହିପରି ଭାବେ କୁମାର ପୂର୍ଣ୍ଣିମା ପ୍ରକୃତି, ଧର୍ମ, ଲୋକବିଶ୍ୱାସ ଓ ସାମାଜିକ ଜୀବନକୁ ଏକ ସୂତ୍ରରେ ବାନ୍ଧି ରଖିଛି। ଆଧୁନିକତାର ପ୍ରଭାବରେ ଆମ ଜୀବନଶୈଳୀ ବଦଳିଛି। ବ୍ୟସ୍ତତା ଭିତରେ ଅନେକ ପାରମ୍ପରିକ ଖେଳ, ଲୋକଗୀତ ଓ ରୀତିନୀତି ଧୀରେ ଧୀରେ ଆମଠାରୁ ଦୂରେଇ ଯାଉଛି। ଏପରି ସମୟରେ କୁମାର ପୂର୍ଣ୍ଣିମା ପରି ପର୍ବ ଆମକୁ ନିଜ ମାଟି, ଭାଷା ଓ ସାଂସ୍କୃତିକ ପରିଚୟ ସହିତ ଯୋଡ଼ି ରଖେ। ପରମ୍ପରାର ସଂରକ୍ଷଣ ଅର୍ଥ ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ଦେବା ନୁହେଁ; ବରଂ ତାହାର ମାନବୀୟ ଓ ସାଂସ୍କୃତିକ ମୂଲ୍ୟକୁ ବୁଝି ପରବର୍ତ୍ତୀ ପିଢ଼ିକୁ ଏହାର ମହତ୍ତ୍ୱ ସହ ପରିଚିତ କରାଇବା। ପୂର୍ଣ୍ଣଚନ୍ଦ୍ରର ଶୀତଳ ଜ୍ୟୋସ୍ନା ଯେପରି ରାତିର ଅନ୍ଧକାରକୁ ଆଲୋକିତ କରେ, ସେହିପରି ଆମ ପରମ୍ପରା ଆମ ଜୀବନକୁ ମୂଲ୍ୟବୋଧ ଓ ସାଂସ୍କୃତିକ ଚେତନାରେ ଆଲୋକିତ କରୁ। କୁମାର ପୂର୍ଣ୍ଣିମାର ଜହ୍ନ ଆମକୁ ସବୁବେଳେ ମନେ ପକାଇଦେଉ, ଆଧୁନିକତାକୁ ଆପଣାଇବା ସହିତ ନିଜ ଐତିହ୍ୟ ଓ ପରମ୍ପରାକୁ ଭଲ ପାଇବା ହିଁ ଆମର ପ୍ରକୃତ ସାଂସ୍କୃତିକ ସମୃଦ୍ଧି। କୁମାର ପୂର୍ଣ୍ଣିମାର ଜହ୍ନ ହସୁଥାଉ, ଓଡ଼ିଆ ସଂସ୍କୃତିର ମହକ ପିଢ଼ି ପରେ ପିଢ଼ି ମହକୁଥାଉ।





*ନୂଆ ରାଉସାପାଟଣା, କଟକ -୧*
*ମୋବାଇଲ : ୮୭୬୩୦୩୪୩୫୨*

# ଡେବ୍‌ଟ ରିକଭରି ଟ୍ରିବ୍ୟୁନାଲ୍ (DRT)

## ବ୍ୟାଙ୍କ ଋଣ ଆଦାୟ ଓ ଋଣଗ୍ରହୀତାଙ୍କ ଅଧିକାର



ଦୀପକ କୁମାର ମହାନ୍ତି

ଆଧୁନିକ ଅର୍ଥନୈତିକ ବ୍ୟବସ୍ଥାରେ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଘର ନିର୍ମାଣଠାରୁ ଆରମ୍ଭ କରି ବ୍ୟବସାୟର ସମ୍ପ୍ରସାରଣ, ଶିକ୍ଷା, କୃଷି ଓ ଶିଳ୍ପ ପ୍ରତିଷ୍ଠା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ପାଇଁ ଲୋକମାନେ ବ୍ୟାଙ୍କରୁ ଋଣ ଗ୍ରହଣ କରିଥାନ୍ତି। କିନ୍ତୁ ସମସ୍ତ ଋଣ ସମୟମତେ ପରିଶୋଧ ହୋଇପାରେ ନାହିଁ। ବ୍ୟବସାୟରେ କ୍ଷତି, ଆର୍ଥିକ ଅନଟନ କିମ୍ବା ଅନ୍ୟାନ୍ୟ କାରଣରୁ ଋଣ ପରିଶୋଧରେ ବିଳମ୍ବ ଘଟିଲେ ବ୍ୟାଙ୍କ ଓ ଋଣଗ୍ରହୀତାଙ୍କ ମଧ୍ୟରେ ଆଇନଗତ ବିବାଦ ସୃଷ୍ଟି ହୋଇପାରେ। ଏହିପରି ବିବାଦର ଶୀଘ୍ର ନିଷ୍ପତ୍ତି ଏବଂ ଆଇନସମ୍ମତ ଉପାୟରେ ଋଣ ଆଦାୟ ପାଇଁ ଭାରତରେ ଗଠନ କରାଯାଇଛି ଡେଟ୍ ରିକଭରି ଟ୍ରିବ୍ୟୁନାଲ୍ (Debt Recovery Tribunal), ଯାହାକୁ ସଂକ୍ଷେପରେ DRT କୁହାଯାଏ। ଏହା ଋଣ ଆଦାୟର ଏକ ଆଇନଗତ ମଞ୍ଚ ନୁହେଁ, ବରଂ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଶୃଙ୍ଖଳା ଓ ଆର୍ଥିକ ଦାୟିତ୍ୱବୋଧ ସୁନିଶ୍ଚିତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା। DRT ହେଉଛି ଏକ ବିଶେଷ ଅର୍ଦ୍ଧ-ନ୍ୟାୟିକ ଟ୍ରିବ୍ୟୁନାଲ୍, ଯାହା ବ୍ୟାଙ୍କ ଓ ନିର୍ଦ୍ଦିଷ୍ଟ ଆର୍ଥିକ ସଂସ୍ଥାଗୁଡ଼ିକର ଋଣ ଆଦାୟ ସମ୍ବନ୍ଧୀୟ ମାମଲାର ବିଚାର କରେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଦେୱାନୀ ଅଦାଲତରେ ଦୀର୍ଘସମୟ ଧରି ଚାଲୁଥିବା ଋଣ ଆଦାୟ ସମ୍ବନ୍ଧୀୟ ବିବାଦଗୁଡ଼ିକର ଶୀଘ୍ର ଓ କାର୍ଯ୍ୟକ୍ଷମ ନିଷ୍ପତ୍ତି କରିବା। ଏହି ଟ୍ରିବ୍ୟୁନାଲ୍‌ର ମୂଳ ଆଇନଗତ ଆଧାର ହେଉଛି Recovery of Debts and Bankruptcy Act, 1993। ପୂର୍ବରୁ ଏହି ଆଇନ Recovery of Debts Due to Banks and Financial Institutions Act, 1993 ନାମରେ ପରିଚିତ ଥିଲା। ଏହା ବ୍ୟତୀତ, ବନ୍ଧକ ସମ୍ପତ୍ତି ଉପରେ ସୁରକ୍ଷା ସ୍ୱାର୍ଥର ପ୍ରବର୍ତ୍ତନ ସମ୍ବନ୍ଧରେ Securitisation and Reconstruction of Financial Assets and Enforcement of Security Interest Act, 2002 ବା SARFAESI Act ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ଆଇନଗୁଡ଼ିକ ଅନୁଯାୟୀ DRT ଋଣ ଆଦାୟ ସମ୍ବନ୍ଧୀୟ ଆବେଦନର ବିଚାର କରିବା ସହ ଆଇନ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଋଣଗ୍ରହୀତାଙ୍କ ପକ୍ଷରୁ ଦାଖଲ ହୋଇଥିବା ଆବେଦନର ମଧ୍ୟ ଶୁଣାଣି କରିଥାଏ। DRT ମୁଖ୍ୟତଃ ବ୍ୟାଙ୍କ ଓ ଆଇନ ଅଧୀନରେ ଆସୁଥିବା ଆର୍ଥିକ ସଂସ୍ଥାଗୁଡ଼ିକର ବକେୟା ଋଣ ଆଦାୟ ସମ୍ବନ୍ଧୀୟ ମାମଲାର ବିଚାର କରେ। ଉଦାହରଣସ୍ୱରୂପ:

୧. ବ୍ୟାଙ୍କ ଋଣ ପରିଶୋଧ ନ ହେବା ସମ୍ବନ୍ଧୀୟ ବିବାଦ।
୨. ବ୍ୟବସାୟିକ ଋଣ ଓ ଶିଳ୍ପ ଋଣ ଆଦାୟ ସମ୍ବନ୍ଧୀୟ ମାମଲା।
୩. ଆଇନ ଅନୁଯାୟୀ ଯୋଗ୍ୟ ଋଣ ଆଦାୟ ପାଇଁ ବ୍ୟାଙ୍କ ପକ୍ଷରୁ ଦାଖଲ ହେଉଥିବା Original Application (OA)।
୪. SARFAESI Act ଅନୁଯାୟୀ ବ୍ୟାଙ୍କର ପଦକ୍ଷେପ ବିରୋଧରେ ଋଣଗ୍ରହୀତା କିମ୍ବା ଅନ୍ୟ ଆଇନସମ୍ମତ ଭାବେ ପ୍ରଭାବିତ ପକ୍ଷଙ୍କ ପକ୍ଷରୁ ଦାଖଲ ହେଉଥିବା ଆବେଦନ।
୫. ଆଇନ ଅନୁଯାୟୀ DRTର ଅଧିକାର କ୍ଷେତ୍ରଭୁକ୍ତ ଅନ୍ୟାନ୍ୟ ଋଣ ଆଦାୟ ଓ ନିର୍ଦ୍ଦିଷ୍ଟ ଦେବାଳିଆପଣ ସମ୍ବନ୍ଧୀୟ ପ୍ରକ୍ରିୟା।

ତେବେ, ପ୍ରତ୍ୟେକ ବ୍ୟାଙ୍କ ଋଣ ବିବାଦ DRTର ଅଧିକାର କ୍ଷେତ୍ରକୁ ଆସେ ନାହିଁ। ଋଣର ପରିମାଣ, ମାମଲାର ପ୍ରକୃତି, ପ୍ରଯୁଜ୍ୟ ଆଇନ ଓ ଟ୍ରିବ୍ୟୁନାଲ୍‌ର ଅଧିକାର କ୍ଷେତ୍ର ଆଧାରରେ ଏହା ନିର୍ଣ୍ଣୟ କରାଯାଏ। ଯେତେବେଳେ କୌଣସି ବ୍ୟାଙ୍କ କିମ୍ବା ଯୋଗ୍ୟ ଆର୍ଥିକ ସଂସ୍ଥା ଆଇନ ଅନୁଯାୟୀ ଋଣ ଆଦାୟ କରିବାକୁ ଚାହେଁ, ସେତେବେଳେ ଉପଯୁକ୍ତ DRTରେ Original Application (OA) ଦାଖଲ କରିପାରେ। ଏହି ଆବେଦନରେ ଋଣର ବିବରଣୀ, ବକେୟା ରାଶି, ଋଣ ଚୁକ୍ତିପତ୍ର, ଦେୟ ପରିଶୋଧର ତଥ୍ୟ ଏବଂ ଆବଶ୍ୟକ ଅନ୍ୟାନ୍ୟ ଦଲିଲ ଦାଖଲ କରାଯାଏ। ଏହାପରେ ଟ୍ରିବ୍ୟୁନାଲ୍ ଆଇନ ଅନୁଯାୟୀ ପ୍ରତିପକ୍ଷଙ୍କୁ ନୋଟିସ୍ ଦେଇ ଶୁଣାଣିର ସୁଯୋଗ ପ୍ରଦାନ କରେ। ଉଭୟ ପକ୍ଷଙ୍କ ଯୁକ୍ତି, ଦଲିଲ ଓ ଉପଲବ୍ଧ ପ୍ରମାଣ ବିଚାର କରି ଟ୍ରିବ୍ୟୁନାଲ୍ ଉପଯୁକ୍ତ ଆଦେଶ ପ୍ରଦାନ କରିଥାଏ। ଋଣ ପରିଶୋଧ କରିବାକୁ ଦାୟିତ୍ୱ ନିର୍ଦ୍ଧାରିତ ହେଲେ, ଆଇନ ଅନୁଯାୟୀ Recovery Certificate ଜାରି ହୋଇପାରେ ଏବଂ ଅଧିକୃତ Recovery Officer ଏହାର କାର୍ଯ୍ୟକାରିତା ପାଇଁ ପଦକ୍ଷେପ ନେଇପାରନ୍ତି। ବର୍ତ୍ତମାନର DRT ବ୍ୟବସ୍ଥାରେ ଇ-ଫାଇଲିଂର ମଧ୍ୟ ଗୁରୁତ୍ୱ ରହିଛି। ତେଣୁ ମାମଲା ଦାଖଲ ପୂର୍ବରୁ ସମ୍ପୃକ୍ତ ଟ୍ରିବ୍ୟୁନାଲ୍‌ର ପ୍ରଚଳିତ ନିୟମ ଓ ନିର୍ଦ୍ଦେଶାବଳୀ ଯାଞ୍ଚ କରିବା ଆବଶ୍ୟକ।

DRTର ଉଦ୍ଦେଶ୍ୟ ଖାଲି ବ୍ୟାଙ୍କର ଟଙ୍କା ଆଦାୟ କରିବା ନୁହେଁ; ଆଇନସମ୍ମତ ପ୍ରକ୍ରିୟାରେ ବିବାଦର ସମାଧାନ କରିବା ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଦିଗ। ତେଣୁ ଋଣଗ୍ରହୀତାଙ୍କ ମଧ୍ୟ କିଛି ଆଇନଗତ




ଅଧିକାର ରହିଛି। ପ୍ରଥମତଃ, ଶୁଣାଣିର ସୁଯୋଗ: ଆଇନ ଅନୁଯାୟୀ ନୋଟିସ୍ ପାଇବା ପରେ ଋଣଗ୍ରହୀତା ନିଜ ପକ୍ଷ ଉପସ୍ଥାପନ କରିପାରିବେ। ଦ୍ୱିତୀୟତଃ, ଦଲିଲ ଓ ହିସାବକୁ ଚ୍ୟାଲେଞ୍ଜ କରିବା: ବ୍ୟାଙ୍କ ଦାବି କରିଥିବା ରାଶି, ସୁଧର ହିସାବ କିମ୍ବା ଅନ୍ୟାନ୍ୟ ବିବରଣୀରେ ଆଇନଗତ ତ୍ରୁଟି ଥିଲେ, ଋଣଗ୍ରହୀତା ଉପଯୁକ୍ତ ପ୍ରମାଣ ସହ ନିଜ ଆପତ୍ତି ଉଠାଇପାରିବେ। ତୃତୀୟତଃ, SARFAESI କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରିବା: ବନ୍ଧକ ସମ୍ପତ୍ତି ଦଖଲ କିମ୍ବା ଅନ୍ୟ କୌଣସି ଆଇନସମ୍ମତ ପଦକ୍ଷେପ ସମ୍ପର୍କରେ ଆଇନ ଅନୁଯାୟୀ ଆପତ୍ତି ଥିଲେ, ଯୋଗ୍ୟ ଋଣଗ୍ରହୀତା DRTରେ ଆବେଦନ କରିପାରିବେ। ଚତୁର୍ଥତଃ, ଅପିଲ୍ କରିବାର ସୁଯୋଗ: DRTର ଆଦେଶରେ ଆଇନଗତ ଭାବେ ଅସନ୍ତୁଷ୍ଟ ପକ୍ଷ ପ୍ରଯୁଜ୍ୟ ଆଇନର ସର୍ତ୍ତ ଅନୁଯାୟୀ Debts Recovery Appellate Tribunal (DRAT)ରେ ଅପିଲ୍ କରିପାରିବେ। ତେବେ, ଅପିଲ୍ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା, ଆବଶ୍ୟକ ଜମା ରାଶି ଓ ଅନ୍ୟାନ୍ୟ ସର୍ତ୍ତ ଲାଗୁ ହୋଇପାରେ। ତେଣୁ ପ୍ରତ୍ୟେକ ମାମଲାରେ ପ୍ରଯୁଜ୍ୟ ଆଇନର ଯାଞ୍ଚ ଆବଶ୍ୟକ।

ବ୍ୟାଙ୍କ ଋଣ ଆଦାୟ କ୍ଷେତ୍ରରେ SARFAESI Act, 2002ର ବିଶେଷ ଗୁରୁତ୍ୱ ରହିଛି। ଏହି ଆଇନରେ ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ ହେଲେ ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥା ନ୍ୟାୟାଳୟର ପୂର୍ବ ହସ୍ତକ୍ଷେପ ବିନା ବନ୍ଧକ ସମ୍ପତ୍ତି ଉପରେ ଆଇନସମ୍ମତ ପଦକ୍ଷେପ ନେଇପାରେ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ବ୍ୟାଙ୍କ ଇଚ୍ଛାମୁତାବକ ଯେକୌଣସି ସମ୍ପତ୍ତି ଦଖଲ କରିପାରିବ। ଆଇନରେ ନିର୍ଦ୍ଧାରିତ ପ୍ରକ୍ରିୟା, ନୋଟିସ୍ ଓ ଅନ୍ୟାନ୍ୟ ଆବଶ୍ୟକ ସର୍ତ୍ତ ପାଳନ କରିବାକୁ ପଡ଼େ। ଯଦି ଋଣଗ୍ରହୀତା କିମ୍ବା ଅନ୍ୟ ଆଇନସମ୍ମତ ଭାବେ ପ୍ରଭାବିତ ପକ୍ଷଙ୍କ ମତରେ ଏହି ପଦକ୍ଷେପ ଆଇନବିରୋଧୀ, ତେବେ SARFAESI Actର ଧାରା ୧୭ ଅନୁଯାୟୀ ଉପଯୁକ୍ତ ପରିସ୍ଥିତିରେ DRTର ଦ୍ୱାରସ୍ଥ ହୋଇପାରିବେ। ଏହିପରି ଭାବରେ SARFAESI Act ବ୍ୟାଙ୍କକୁ ଆଇନସମ୍ମତ ଉପାୟରେ ସୁରକ୍ଷିତ ଋଣ ଆଦାୟ କରିବାର କ୍ଷମତା ଦେଉଥିବାବେଳେ DRT ସମ୍ପୃକ୍ତ ଆଇନର ସର୍ତ୍ତ ଅନୁଯାୟୀ ବିବାଦର ନ୍ୟାୟିକ ପରୀକ୍ଷା କରିବାର ସୁଯୋଗ ପ୍ରଦାନ କରେ। ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାଗୁଡ଼ିକ ଜନସାଧାରଣଙ୍କ ଜମା ଅର୍ଥକୁ ଆଧାର କରି ବିଭିନ୍ନ କ୍ଷେତ୍ରକୁ ଋଣ ପ୍ରଦାନ କରନ୍ତି। ଯଦି ବହୁ ପରିମାଣର ଋଣ ଆଦାୟ ହୋଇନପାରେ, ତେବେ ଏହା ବ୍ୟାଙ୍କର ଆର୍ଥିକ ସ୍ଥିତି ଓ ଋଣ ପ୍ରଦାନ କ୍ଷମତାକୁ ପ୍ରଭାବିତ କରିପାରେ। ଅନ୍ୟପକ୍ଷରେ, ଆର୍ଥିକ ସଙ୍କଟରେ ପଡ଼ିଥିବା ଋଣଗ୍ରହୀତାଙ୍କ ସମସ୍ୟାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। ତେଣୁ ଋଣ ଆଦାୟ ଓ ଋଣଗ୍ରହୀତାଙ୍କ ଆଇନଗତ ଅଧିକାର ମଧ୍ୟରେ ଉଚିତ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ। ଏହି ଦୃଷ୍ଟିରୁ DRTର ଗୁରୁତ୍ୱ କେବଳ ବକେୟା ଋଣ ଆଦାୟରେ ସୀମିତ ନୁହେଁ। ଏହା ଆର୍ଥିକ ବ୍ୟବସ୍ଥାରେ ଦାୟିତ୍ୱବୋଧ, ଆଇନର ଶାସନ ଓ ବିବାଦର ନିରପେକ୍ଷ ସମାଧାନକୁ ମଧ୍ୟ ସୁଦୃଢ଼ କରିଥାଏ। DRT ହେଉଛି ଭାରତର ଋଣ ଆଦାୟ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ବ୍ୟାଙ୍କର ଆର୍ଥିକ ସ୍ୱାର୍ଥର ସୁରକ୍ଷା ଓ ଋଣଗ୍ରହୀତାଙ୍କ ଆଇନଗତ ଅଧିକାରର ସୁରକ୍ଷା, ଉଭୟ ଦିଗରେ ଏହାର ଭୂମିକା ରହିଛି। ଋଣ ଗ୍ରହଣ କରିବା ଏକ ଆର୍ଥିକ ଦାୟିତ୍ୱ ଏବଂ ଋଣ ପରିଶୋଧ କରିବା ଏକ ଆଇନଗତ କର୍ତ୍ତବ୍ୟ। କିନ୍ତୁ ଋଣ ଆଦାୟର ପ୍ରକ୍ରିୟା ମଧ୍ୟ ଆଇନର ସୀମା ମଧ୍ୟରେ ରହିବା ଆବଶ୍ୟକ। ଆଇନର ଉଦ୍ଦେଶ୍ୟ କେବଳ ଦାବିଦାରଙ୍କୁ ଅର୍ଥ ଫେରାଇଦେବା ନୁହେଁ, ବରଂ ନ୍ୟାୟସଙ୍ଗତ ପ୍ରକ୍ରିୟା ମାଧ୍ୟମରେ ବିବାଦର ସମାଧାନ କରିବା। ଏହିପରି ଭାବରେ DRT ଏକପଟେ ଋଣ ଆଦାୟରେ ଗତିଶୀଳତା ଆଣିଥାଏ ଏବଂ ଅନ୍ୟପଟେ ଆଇନଗତ ପ୍ରତିକାରର ଏକ ବ୍ୟବସ୍ଥା ପ୍ରଦାନ କରିଥାଏ। ଏକ ସୁସ୍ଥ ଆର୍ଥିକ ବ୍ୟବସ୍ଥା ପାଇଁ ଏହି ଦୁଇଟି ଦିଗର ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ।

*ଆଇନଜୀବୀ, ଓଡିଶା ହାଇ କୋର୍ଟ, କଟକ-୨*
*ମୋବାଇଲ୍ : ୯୪୩୭୨୯୫୬୬୬*

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର